ଧରିତ୍ରୀ
DHARITRI
July 16-22, 2023 ₹ 2/-

ଛୁଟିଦିନ



# ଶ୍ରୀଫଳ

ଶ୍ରୀ ଶ୍ରେଷ୍ଠ, ଶ୍ରୀ ସୁନ୍ଦର, ଆଉ ଶ୍ରୀ ହିଁ ସମୃଦ୍ଧିର ପ୍ରତୀକ। ଆଉ ଏଇ ସବୁ ପାଇଁ ହିଁ ନଡ଼ିଆ ପାଇଛି ଶ୍ରୀଫଳର ମାନ୍ୟତା...

ପ୍ରଚ୍ଛଦ ପ୍ରସଙ୍ଗ ୩

## ବାହାର କାନ୍ଥରେ ରଙ୍ଗ ଲଗାଉଥିଲେ

**ଘର ଭିତରର ସାଜସଜ୍ଜା ସାଙ୍ଗକୁ ବାହାର କାନ୍ଥରେ କେଉଁ ରଙ୍ଗ ଲଗାଇଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ, ଜାଣନ୍ତୁ ସେ ସମ୍ପର୍କରେ...**

* ଶାନ୍ତିର ପ୍ରତୀକ ହେଉଛି ଧଳା ରଙ୍ଗ। ଏହା କାନ୍ଥକୁ ଏଲିଗାଣ୍ଟ ଲୁକ୍ ଦେଇଥାଏ ଆଉ ସବୁବେଳେ ଫ୍ୟାଶନରେ ରହିଥାଏ। ଘର ବାହାର କାନ୍ଥରେ ଧଳା ରଙ୍ଗ ଲଗାଇଲେ ଘର ମଧ୍ୟକୁ କୌଣସି ନକାରାତ୍ମକ ଊର୍ଜା ସହଜରେ ପ୍ରବେଶ କରିପାରେନା ବୋଲି ବିଶ୍ୱାସ ରହିଛି।

* ନୀଳ ରଙ୍ଗ ସ୍ୱର୍ଗୀୟ ଊର୍ଜାକୁ ଆକର୍ଷିତ କରେ। ବାହାର କାନ୍ଥରେ ନୀଳ ରଙ୍ଗ ଲଗାଇଲେ ତାହା ସୁନ୍ଦର ଦେଖାଯିବା ସହିତ ଘରକୁ ସବୁବେଳେ ବନ୍ଧୁମାନଙ୍କର ଆଗମନ ହୋଇଥାଏ ବୋଲି ମାନ୍ୟତା ରହିଛି।

* ବାସ୍ତୁଶାସ୍ତ୍ର ଅନୁଯାୟୀ, ବାହାର କାନ୍ଥକୁ ପେଣ୍ଟ କରିବା ପାଇଁ ନାରଙ୍ଗି ରଙ୍ଗ ଉତ୍ତମ ହୋଇଥାଏ। ଏହା ଘରର ଶ୍ରୀ ବୃଦ୍ଧି କରିବା ସହିତ ଘରକୁ ସୁଖଶାନ୍ତି ଆଣିଥାଏ ବୋଲି ଲୋକ ବିଶ୍ୱାସ ରହିଛି।



* ହଳଦିଆ ରଙ୍ଗକୁ ବାହାର କାନ୍ଥରେ ଲଗାଇବା ଦ୍ୱାରା ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ କର୍ମକ୍ଷେତ୍ରରେ ଉନ୍ନତି ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

* ସବୁଜ ରଙ୍ଗ ସମ୍ପର୍କରେ ନିବିଡ଼ତା ଆଣିଥାଏ। ଘର ବାହାର କାନ୍ଥରେ ଏହି ରଙ୍ଗ ଲଗାଇଲେ ପଡ଼ୋଶୀଙ୍କ ସହ କୁଆଡ଼େ ଉତ୍ତମ ସମ୍ପର୍କ ବଢ଼ିଥାଏ ବୋଲି ମାନ୍ୟତା ରହିଛି। ଏହି କ୍ଷେତ୍ରରେ ଗୋଲାପୀ ରଙ୍ଗର ବି ଅନେକ ମହତ୍ତ୍ୱ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୬-୨୨

### ମେଷ
ଦୈହିକ ସୁସ୍ଥତା, ମିତ୍ରମାନଙ୍କ ସମାଗମ, ସ୍ଥଗିତ କର୍ମାରମ୍ଭ, କର୍ମକ୍ଷେତ୍ରରେ ଉନ୍ନତି, ସ୍ତ୍ରୀଙ୍କ ପରାମର୍ଶରେ କାର୍ଯ୍ୟସିଦ୍ଧି, ଦୂରଯାତ୍ରାର ଯୋଜନା, ସତର୍କତା ଅଭାବରୁ ବିବାଦ, କରଜ କରିପାରନ୍ତି, ରାଜନୈତିକ ପ୍ରତିଷ୍ଠା।

### ବୃଷ
ବନ୍ଧୁମିଳନ, ଶୁଭଖବର ପ୍ରାପ୍ତି, ପୈତୃକ ସମ୍ପତ୍ତିରେ ବିବାଦ, ବନ୍ଧୁଙ୍କ କଥାରେ ପ୍ରଭାବିତ, ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସ୍ତରରେ ସମ୍ମାନ, ଦୂରଯାତ୍ରାର ପ୍ରସ୍ତୁତି, ପଡ଼ୋଶୀଙ୍କ ବଦାନ୍ୟତା, ସନ୍ତାନ ହେତୁକ ସମସ୍ୟା, ରୋଗପୀଡ଼ା କମିବ।

### ମିଥୁନ
ନୂତନ ଯୋଜନାରମ୍ଭ, ଭୁଲ୍ ବୁଝାମଣାରୁ କଳହ, ସାମୟିକ ସ୍ୱାସ୍ଥ୍ୟହାନି, ସରକାରୀ ସହାୟତା, ଧର୍ମଚର୍ଚ୍ଚାର ସୁଯୋଗ, ଋଣ ପରିଶୋଧ ଚିନ୍ତା, ବାଣିଜ୍ୟରେ ପ୍ରତିବନ୍ଧକ, ନିଯୁକ୍ତି ଖବର ପାଇବେ।

### କର୍କଟ
କାର୍ଯ୍ୟହାନିରୁ ଦୁଶ୍ଚିନ୍ତା, ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ଉଦାରତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଅପ୍ରିୟ ସତ୍ୟକଥାରୁ କଳହ, ଉଚ୍ଚବର୍ଗଙ୍କ ସମାଲୋଚନା, ଆର୍ଥିକ ସ୍ୱଚ୍ଛଳତା, ଇଚ୍ଛାବିରୁଦ୍ଧ କାର୍ଯ୍ୟ, ଅବହେଳିତ କାର୍ଯ୍ୟରୁ ମନସ୍ତାପ।

### ସିଂହ
କର୍ମଦକ୍ଷତାରୁ ପ୍ରଶଂସା, ସହକର୍ମୀଙ୍କ ସହଯୋଗ, ପ୍ରତୀକ୍ଷିତ ଖବର ପାଇବେ, ବନ୍ଧୁମିଳନରୁ ଆନନ୍ଦ, ଭ୍ରମଣ ହେତୁ କ୍ଲାନ୍ତି, ବିଦେଶ ଯାତ୍ରାର ସୁଯୋଗ, ବ୍ୟବସାୟିକ ଉନ୍ନତି।

### କନ୍ୟା
ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁବର୍ଗଙ୍କ ପରାମର୍ଶ, ମନ ଆନ୍ଦୋଳିତ ରହିବ, ପରିବାରରେ ଭୁଲ୍ ବୁଝାମଣା, ବ୍ୟୟବୃଦ୍ଧିର ଦୁଶ୍ଚିନ୍ତା,ମାମୁଲି ଘଟଣାରେ ଉଚ୍ଚବାଚ, ଧର୍ମକାର୍ଯ୍ୟ କରିବେ, ମୂଲ୍ୟବାନ୍ ଜିନିଷ କ୍ରୟ, ପ୍ରଶାସନିକ ସଫଳତା।

### ତୁଳା
ଆନୁଷଙ୍ଗିକ ସହଯୋଗ ପାଇବେ, ସମ୍ପର୍କୀୟଙ୍କ ପରାମର୍ଶ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, କାର୍ଯ୍ୟହାନିରୁ ବିରକ୍ତି ଭାବ, ବିଦେଶଯାତ୍ରାର ଅଫର୍, ଆର୍ଥିକ ଦୁରବସ୍ଥା, ଭ୍ରାତୃସମ୍ପର୍କରେ ଉନ୍ନତି।

### ବିଛା
ମାନସିକ ଅସ୍ଥିରତା, ବନ୍ଧୁବିଚ୍ଛେଦ ଶୋକ, ଆର୍ଥିକ ଅଭିବୃଦ୍ଧି, ମୂଲ୍ୟବାନ ଦ୍ରବ୍ୟକ୍ରୟ, ନୂତନ କାମର ପରିକଳ୍ପନା, ଗୁରୁବର୍ଗଙ୍କ ପରାମର୍ଶ, ସ୍ଥଗିତ କାମରୁ କୈଫିୟତ୍ ତଲବ, ଭ୍ରମଣ ମଜା ଉଠାଇବେ, ଧର୍ମକାର୍ଯ୍ୟ ପ୍ରତି ରୁଚି, ସହମତିରେ କାର୍ଯ୍ୟସିଦ୍ଧି।

### ଧନୁ
ସମୟାନୁବର୍ତ୍ତିତାରୁ ପ୍ରଶଂସା, ପଦାଧିକାରୀଙ୍କ କୃପାଦୃଷ୍ଟି, ସ୍ୱଜନ ସମ୍ପର୍କରେ ଉନ୍ନତି, ନିର୍ମାଣାଧୀନ କାର୍ଯ୍ୟର ସମାପ୍ତି, ପରିବହନରେ ବିବାଦ, ବୁଝାମଣାରେ ଦ୍ୱନ୍ଦ୍ୱ, ବାଣିଜ୍ୟରେ ଉନ୍ନତି, ସ୍ଥଗିତ କର୍ମାରମ୍ଭର ଯୋଜନା।

### ମକର
ଦୈହିକ ଦୁର୍ବଳତା, କାର୍ଯ୍ୟହାନିରୁ କ୍ଷୋଭ, ନିଜ ଲୋକଙ୍କ ସମାଲୋଚନା, ଚୁକ୍ତିପତ୍ର ସମ୍ପାଦନ, ଠକାମିରେ ପଡ଼ି ପାରନ୍ତି, ପାରିବାରିକ ଅଶାନ୍ତି, ପରୋପକାରରୁ ପ୍ରଶଂସା, ଅର୍ଥ ସାହାଯ୍ୟ ପ୍ରାପ୍ତି, ସାଂସ୍କୃତିକ କାର୍ଯ୍ୟାରମ୍ଭ।

### କୁମ୍ଭ
ଆରୋଗ୍ୟ ଲାଭ, ଅର୍ଥଲାଭରୁ ଆନନ୍ଦ, ସହକର୍ମୀଙ୍କ ସହଯୋଗ, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ, ପ୍ରାପ୍ୟ ଧନରେ ବାଧା, ଶିଳ୍ପ ବାଣିଜ୍ୟରେ ଉନ୍ନତି, କଳା ସାହିତ୍ୟରୁ ପ୍ରଶଂସା।

### ମୀନ
ଶୁଭଖବର ପାଇବେ, ବ୍ୟସ୍ତତା ବୃଦ୍ଧି ପାଇବ, ଯାତ୍ରା ଫଳପ୍ରଦ ହେବ, ପଦମର୍ଯ୍ୟାଦା ବୃଦ୍ଧି, ବିଳମ୍ବିତ କାର୍ଯ୍ୟରୁ ଅନୁତାପ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ଅଶାନ୍ତି, କରଜଦାତାଙ୍କ ଚାପ, ବକେୟା ଅର୍ଥ ପ୍ରାପ୍ତି, ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା।

## ଘରେ ବୁଢ଼ିଆଣୀ ଜାଲ ହେଉଥିଲେ

**ଘ**ରକୁ କିଛିଦିନ ସଫାସୁତୁରା ନ କଲେ ଘରେ ଧୂଳିମଳି ଜମିବା ସହ କାନ୍ଥରେ ବୁଢ଼ିଆଣୀ ଜାଲ ହୋଇଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ବୁଢ଼ିଆଣୀ ଜାଲ ବି ଘର ପାଇଁ ଅନେକ ସମସ୍ୟା ନେଇ ଆସିଥାଏ। ପ୍ରଥମତଃ ଘରେ ନକାରାତ୍ମକ ଊର୍ଜାର ଆଗମନ ହୁଏ। ଏହା ପାଇଁ ଘର ଅସନା ଦେଖାଯାଉଥିବା ଯୋଗୁ ମାତା ଲକ୍ଷ୍ମୀ ରୋଷ କରିଥାନ୍ତି ; ଯଦ୍ଦ୍ୱାରା ଘରେ ଅଭାବ ଅନଟନ ଲାଗିରହେ। ଫଳରେ ପରିବାର ସଦସ୍ୟଙ୍କ ମନ ଭାରାକ୍ରାନ୍ତ ରହିବା ଯୋଗୁ ଅନେକ ସମୟରେ ଘରେ ଝଗଡ଼ା ବି ଲାଗିଯାଏ। କୌଣସି କାର୍ଯ୍ୟ ଠିକ୍‌ରେ ହୋଇପାରେନା। ଯେଉଁଥିପାଇଁ ସେମାନଙ୍କୁ ଅସଫଳତାର ମୁହଁ ଦେଖିବାକୁ ପଡ଼େ। ଏହାଛଡ଼ା ବୁଢ଼ିଆଣୀ



ଜାଲରେ ଲାଗି ରହିଥିବା ଅନେକ ସୂକ୍ଷ୍ମ ଜୀବ ମଧ୍ୟ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାନ୍ତି। ତେଣୁ ଆଖିକୁ ସାଧାରଣ ଲାଗୁଥିବା ଏହି ବୁଢ଼ିଆଣୀ ଜାଲକୁ ଘରେ କେବେ ବି ଜମିବାକୁ ଦେବା ଠିକ୍ ନୁହେଁ। ନଚେତ୍ ଏହାର ପ୍ରଭାବରେ ଘରର ସୁଖଶାନ୍ତି ତ କ୍ଷୁର୍ଣ୍ଣ ହେବ ତା'ସହିତ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଯିବ।

## ପାଠକୀୟ

ରାତି ପାହିଲାଣି ରାବଇ କାଉ... ଉଠ ଉଠ ମଠ ନ କର ଆଉ...। ଦିନେ ଏହି ଧାଡ଼ି ପିଲାମାନେ କେବଳ ପଢୁ ନ ଥିଲେ, ପିଲାଙ୍କ ଦୈନନ୍ଦିନ ଜୀବନର ଏହା ଥିଲା ଏକ ଅଂଶ। ହେଲେ ଆଜି ଅଧିକାଂଶ ପିଲାଙ୍କ ପାଇଁ କାଉ କେବଳ ବହିର ଚିତ୍ରରେ ସୀମିତ। ତେଣୁ କାଉକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମର୍ମସ୍ପର୍ଶୀ ଥିଲା। 'ବାସ୍ତୁଦୋଷ ଦୂର କରିବାର ଉପାୟ', 'କିପରି ବଢ଼ିବ ଧନ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ***

ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ କଥା 'କାଉ'ର ସତରେ ଏକ ହୃଦୟସ୍ପର୍ଶୀ ତଥା ଶିକ୍ଷଣୀୟ ବିଷୟ ଥିଲା। 'ନୂଆ ରୂପରେ ଲାଉ' ଶୀର୍ଷକ ଆଲେଖ୍ୟଟି ବେଶ୍ ନିଆରା ଲାଗୁଥିଲା ପଢ଼ିବାକୁ। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଳ୍ପୀ ଚନ୍ଦନ କୁମାର ସାମଲଙ୍କ ଅପୂର୍ବ କାରୁକାର୍ଯ୍ୟ ସମ୍ପର୍କରେ ଜାଣିହେଲା।

***– ପିନାକୀ ଦାଶ, ବାରଙ୍ଗ, କଟକ***

ସୃଜନ ପୃଷ୍ଠାରେ ସ୍ଥାନିତ 'ଜୋତା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି 'କବିତା କିଶୋରୀ' ଏବଂ 'ଏଠି ମୋର କିଛି ବି ଭୂମିକା ନାହିଁ' ଶୀର୍ଷକ କବିତା ଦୁଇଟି ମଧ୍ୟ ମଜାଦାର୍ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଜାହ୍ନବୀଙ୍କ ରୋଲ୍ ମଡେଲ୍', 'ଆଶାରେ ସେହନାଜ','ପ୍ରଭାସଙ୍କ ପ୍ରଶଂସାରେ ଦୀପିକା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ହୃଦୟସ୍ପର୍ଶୀ ଥିଲା। ଲେଖିକା ରଶ୍ମି ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ହୋଇଥିଲା।

***– ସତରୂପା ପଟ୍ଟନାୟକ, ଚାନ୍ଦବାଲି, ଭଦ୍ରକ***

ସାଥୀର ଉତ୍ତରଗୁଡ଼ିକ ବେଶ୍ ରୋମାଣ୍ଟିକ୍‌ଭରା ହେଉଥିବାରୁ ଖୁସି ଲାଗୁଛି। ଲାଇଫ୍ ଷ୍ଟାଇଲ୍ ପାଠରୁ 'ଇୟର୍ ପିୟର୍‌ସିଂ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ସୋନାଲି ଖୁବ୍ ସୁନ୍ଦର ଦେଖାଯାଉଥିଲେ। ସହରଠୁ ଦୂର ପୃଷ୍ଠାରୁ 'ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***– ରୋଜାଲିନ୍ ପ୍ରଧାନ, ତୁମୁଡ଼ିବନ୍ଧ, କନ୍ଧମାଳ***

ବିବିଧା ପୃଷ୍ଠାରେ ସ୍ଥାନିତ 'ସୁନାର କଥା' ପାଠରୁ ସୁନା ସମ୍ପର୍କରେ ବହୁ ଅଜଣା ତଥା ଦରକାରୀ କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୂଅ ସହ ବଗିଚାର ବାହାଘର', 'କମ୍ପ୍ୟୁଟର ହୁଡ ପ୍ରାଇଭେସି ସ୍କାର୍ଫ', 'ବେଲୁନ୍ ପରି ଓଠ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ହୋଇଥିଲା। ଏଥରର ବ୍ୟଙ୍ଗ 'ଗୋପନରେ କୋଳାକୋଳି' ପାଠଟି ମଧ୍ୟ ମର୍ମସ୍ପର୍ଶୀ ଥିଲା।

***– ରାଜେଶ ପୃଷ୍ଟି, ଜଟଣୀ, ଖୋର୍ଦ୍ଧା***




### ବିଶେଷ ଚିଠି

ଏଥରର ପ୍ରଚ୍ଛଦ କଥା 'କାଉ'ର
ହୋଇଥିଲା ଭାରି ନିଆରା।
ଶିଖାଇଲା ଅନେକ କଥା
ମନେ ଭରିଦେଲା ଆନନ୍ଦ ଅପାର।
ସିନେମା ବି ଲାଗୁଥିଲା
ଖୁବ୍ ଆକର୍ଷଣୀୟ।
ସାଥୀର ଉତ୍ତର ପଢ଼ି
ହୋଇଗଲି ମୁଁ ବାଇଆ।
ସେଥିପାଇଁ ହେ ମୋର ଛୁଟିଦିନ
ତୁମ ପରି ନାହିଁ କେହି ଆଉ ସମ।

***– ବୈଶାଳୀ ପଣ୍ଡା, କେନ୍ଦୁଝର***

**ଧରିତ୍ରୀ ଛୁଟିଦିନ** **ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଶ୍ରୀଫଳ



**ଶ୍ରୀ ଶ୍ରେଷ୍ଠ, ଶ୍ରୀ ସୁନ୍ଦର, ଆଉ ଶ୍ରୀ ହିଁ ସମୃଦ୍ଧିର ପ୍ରତୀକ। ଆଉ ଏଇ ସବୁ ପାଇଁ ହିଁ ନଡ଼ିଆ ପାଇଛି ଶ୍ରୀଫଳର ମାନ୍ୟତା...**

**ଶ୍ରୀ** ଅର୍ଥାତ୍ ଶ୍ରେଷ୍ଠ, ଶ୍ରୀ ଅର୍ଥାତ୍ ସୁନ୍ଦର, ଶ୍ରୀ ଅର୍ଥାତ୍ ସମୃଦ୍ଧି ଆଉ ଏଇଥିପାଇଁ ନଡ଼ିଆ ହେଉଛି ଶ୍ରୀଫଳ। ଏତେସବୁ ବିଶେଷତ୍ୱ ପାଇଥିବା ଯୋଗୁ ବୋଧେ ଯେକୌଣସି ଶୁଭ କାର୍ଯ୍ୟରେ ପ୍ରଥମେ ଖୋଜାପଡେ ନଡ଼ିଆକୁ। ଶୁଭ ଆଉ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଉଥିବା ନଡ଼ିଆ ବି ଜୀବନଦାୟୀ। କାରଣ ଏହାର ଗଛରୁ ଆରମ୍ଭ କରି ଫଳପତ୍ର ଯାଏଁ ସେ ମଣିଷର ସବୁ ଆବଶ୍ୟକତାକୁ ପୂରଣ କରିଥାଏ। ସେଇଥିପାଇଁ ପରା କୁହାଯାଏ, ଘରେ ନଡ଼ିଆ ଗଛ ଥିଲେ ମଣିଷର ଅଭାବ ରୁହେନି।

### ଶ୍ରୀଫଳର ଉତ୍ପତ୍ତି

ମଣିଷର ପ୍ରତିଟି କାର୍ଯ୍ୟରେ ଖୋଜା ପଡୁଥିବା ଶ୍ରୀଫଳ ବା ନଡ଼ିଆର ଉତ୍ପତ୍ତିକୁ ନେଇ ରହିଛି ଅନେକ କଥା। ତେବେ ପୁରାଣରେ ନଡ଼ିଆ ଗଛର ଉତ୍ପତ୍ତି ଓ ନଡ଼ିଆର ମହତ୍ତ୍ୱ କ'ଣ ରହିଛି ସେ ସମ୍ପର୍କରେ ଆଧ୍ୟାତ୍ମିକ ପ୍ରବକ୍ତା **ଶ୍ରୀ ସନ୍ନ୍ୟାସୀ ଜୀ** ଯାହା କୁହନ୍ତି:

ଶ୍ରୀଫଳର ଉତ୍ପତ୍ତି ସମ୍ପର୍କରେ ଆଲୋଚନା କରାଗଲେ ଆମକୁ ମହର୍ଷି ବିଶ୍ୱାମିତ୍ରଙ୍କ ନାମକୁ ସ୍ମରଣରେ ଆଣିବାକୁ ପଡିବ। କାରଣ ସେ ହିଁ ଶ୍ରୀଫଳର ଜନକ। ପୁରାଣର ପୃଷ୍ଠାକୁ ଉନ୍ମୋଚନ କଲେ ଜଣାପଡେ ଯେ, ସତ୍ୟବ୍ରତ ନାମରେ ଜଣେ ରାଜା ଥିଲେ। କେଜାଣି କାହିଁକି ସ୍ୱର୍ଗକୁ ଯିବା ପାଇଁ ତାଙ୍କର ଭାରି ଇଚ୍ଛା ହେଲା। କେମିତି ଓ କେଉଁ ଉପାୟରେ ସେ ସ୍ୱର୍ଗକୁ ଯାଇପାରିବେ, ସେଇ ଭାବନାରେ ଦିନରାତି ଥାଆନ୍ତି । ତେଣେ ଋଷି ବିଶ୍ୱାମିତ୍ର ତପଶ୍ଚରଣ ପାଇଁ ଢେର ଦିନ ହେଲା ଦୂର ବନ ପ୍ରଦେଶକୁ ଚାଲି ଯାଇଥିବାରୁ ତାଙ୍କ ପରିବାର ବହୁ ଦୁଃଖ କଷ୍ଟରେ ଜୀବନ ନିର୍ବାହ କରୁଥିଲେ। ଏକଥା ରାଜା ସତ୍ୟବ୍ରତଙ୍କ କାନରେ ପଡିବାରୁ ବିଶ୍ୱାମିତ୍ର ଫେରିବା ପର୍ଯ୍ୟନ୍ତ ତାଙ୍କ ପରିବାରର ସମସ୍ତ ଦାୟିତ୍ୱ ସେ ବହନ କରିଥିଲେ । ତପଶ୍ଚର୍ଯ୍ୟାରୁ ଫେରିବା ପରେ ବିଶ୍ୱାମିତ୍ର ରାଜାଙ୍କ ମହାନତା କଥା ଜାଣିଲେ। ଏଥିରେ ସେ ଅତ୍ୟନ୍ତ ପ୍ରୀତ ହୋଇ ସତ୍ୟବ୍ରତଙ୍କୁ ମନଲାଖି ବର ମାଗିବାର ଯାଚନା କଲେ । ରାଜା ତ ଏଇ ସୁଯୋଗର ଅପେକ୍ଷାରେ ଥିଲେ। ସେ ନିଜ ମନ କଥା ପ୍ରକାଶ କରିବାରୁ ମହର୍ଷି ବିଶ୍ୱାମିତ୍ର କହିଲେ– ତୁମ ବଂଶରେ ତ ପୂର୍ବରୁ ସମସ୍ତେ ସ୍ୱର୍ଗକୁ ଯାଇଛନ୍ତି। ତୁମର ଯୋଗ୍ୟତା ଅଛି, ତୁମେ ବି ଯାଇପାରିବ, ଏଥିରେ ସମସ୍ୟା କେଉଁଠି ? ଯୋଡ଼ ହସ୍ତରେ ରାଜା କହିଲେ– ମୋ ପୂର୍ବଜମାନେ ମୃତ୍ୟୁ ପରେ ହିଁ ସ୍ୱର୍ଗକୁ ଯାଇଛନ୍ତି । କିନ୍ତୁ ମୁଁ ମୃତ୍ୟୁ ପୂର୍ବରୁ ଅର୍ଥାତ୍ ସଶରୀରେ ସ୍ୱର୍ଗକୁ ଯିବାକୁ ଚାହୁଁଛି। ସତ୍ୟବ୍ରତଙ୍କ ଉପରେ ବିଶ୍ୱାମିତ୍ର ଏତେ ପ୍ରୀତ ହୋଇଯାଇଥିଲେ ଯେ, ସେ ଈଶ୍ୱରଙ୍କ ବିଧିବିଧାନକୁ ବି ଭାଙ୍ଗି ଦେବା ପାଇଁ ଉଦ୍ୟତ ହୋଇ ଉଠିଲେ। ଶରୀର ଧରି ସ୍ୱର୍ଗକୁ ଯିବା କ'ଣ ସମ୍ଭବ ? କିନ୍ତୁ ବିଶ୍ୱାମିତ୍ର ରାଜା ସତ୍ୟବ୍ରତଙ୍କୁ ସିଧା ସ୍ୱର୍ଗକୁ ପଠାଇବାର ତୁରନ୍ତ ବ୍ୟବସ୍ଥା କରିଦେଲେ। ଫଳ ଯାହା ହେବା କଥା ସେୟା ହେଲା। ଇନ୍ଦ୍ରାଦି ଦେବଗଣ ପ୍ରମାଦ ଗଣିଲେ। ରୁଷ୍ଟ ହୋଇ ସତ୍ୟବ୍ରତଙ୍କୁ ସମସ୍ତେ ସ୍ୱର୍ଗରୁ ତଳକୁ ବଳ ପୂର୍ବକ ଠେଲି ଦେଲେ । ଏହା ଜାଣିପାରି ବିଶ୍ୱାମିତ୍ର ନିଜ ସିଦ୍ଧି ବଳରେ ସ୍ୱର୍ଗ ଏବଂ ମର୍ତ୍ତ୍ୟ ମଝିରେ ଆଉ ଗୋଟେ ଦ୍ୱିତୀୟ ସ୍ୱର୍ଗ ନିର୍ମାଣ କରିଦେଲେ । ମଝି ଆକାଶରେ ଭାସମାନ ଏଇ କୃତ୍ରିମ ସ୍ୱର୍ଗ କାଳେ କେତେବେଳେ ତଳକୁ ଖସିପଡିବ, ସେଥିପାଇଁ ସେ ଲମ୍ବା ଲମ୍ବା ଢିରାମାନ ଖଞ୍ଜିଦେଲେ। ପୌରାଣିକ ମତ ଅନୁସାରେ ସେଇ ଲମ୍ବା ଲମ୍ବା ସାହାରା ହିଁ କାଳକ୍ରମେ ନଡ଼ିଆ ଗଛରେ ପରିଣତ ହେଲା ଏବଂ କଥିତ ଅଛି ଯେ ରାଜା ସତ୍ୟବ୍ରତଙ୍କ ଶିର ହିଁ ଶୀ ର ଫଳ ବା 'ଶ୍ରୀଫଳ' ରେ ପରିଣତ ହେଲା ।

ଆଉ ଏକ ପୌରାଣିକ ତତ୍ତ୍ୱ ଅନୁସାରେ, ସ୍କନ୍ଦ ଦେବତାଙ୍କ ସ୍ୱରୂପ ହେଉଛି ଶ୍ରୀଫଳ। ଏ ହେଉଛି ସ୍କନ୍ଦ ପୁରାଣର କଥା। ପାର୍ବତୀଙ୍କ ଦୁଇ ପୁତ୍ର ହେଉଛନ୍ତି ଶ୍ରୀଗଣେଶ ଏବଂ ଶ୍ରୀକାର୍ତ୍ତିକେୟ। ଶ୍ରୀଗଣେଶଙ୍କୁ ଅଗ୍ରପୂଜ୍ୟ ହେବାର ବର ପିତା ମହାଦେବ ପ୍ରଦାନ କରିସାରିଥାନ୍ତି। ହେଲେ ମା' ପାର୍ବତୀଙ୍କ ମନ ଏଥିରେ ସନ୍ତୁଷ୍ଟ କେଉଁଠି ହେଉଛି ? କାରଣ ସେ କେବଳ ଶ୍ରୀଗଣେଶଙ୍କ ମା' ନୁହନ୍ତି, ଶ୍ରୀକାର୍ତ୍ତିକେୟଙ୍କର ବି ମା' । ନିଜର ଗୋଟିଏ ପୁତ୍ରକୁ ଏତେ ବଡ଼ ପଦବୀ ମିଳିବ ଆଉ ଗୋଟିଏକୁ କିଛି ମିଳିବନି– ଏହା ହିଁ ମାତା ଜଗଦମ୍ବାଙ୍କ ଚିନ୍ତାର କାରଣ ଥିଲା। ଦିନେ ସୁଯୋଗ ଦେଖି ମହାଦେବଙ୍କ ପାଖରେ ମା' ପାର୍ବତୀ ଅଳି କରି ବସିଲେ– ସ୍ୱାମୀ ! କାର୍ତ୍ତିକେୟକୁ ଗଣେଶଙ୍କ ପରି ସେମିତି କିଛି ପ୍ରଥମ ପୂଜ୍ୟ ହେବାର ବର ଦିଅନ୍ତେନି ! ଚକ୍ଷୁ ଅର୍ଦ୍ଧ ନିମିଳିତ ଅବସ୍ଥାରେ ଆଶୁତୋଷ କହିଲେ – ପ୍ରିୟେ ! ସେମିତି କେମିତି ହୋଇପାରିବ ? ପ୍ରଥମ ପୂଜ୍ୟ ଜଣେ କେହି ହେବ। ଆଉ ଜଣଙ୍କୁ କେମିତି ପ୍ରଥମ କରିପାରିବି ? କିନ୍ତୁ ପାର୍ବତୀଙ୍କ ଅନୁନୟ ବିନୟ ଏବଂ ବିକଳ ପ୍ରାର୍ଥନା ମହାଦେବଙ୍କୁ କିଛି ଗୋଟେ କରିବା ପାଇଁ ବିବଶ କଲା। ପାର୍ବତୀଙ୍କୁ ପ୍ରବୋଧନା ଦେବାକୁ ଯାଇ ସେ ବର ପ୍ରଦାନ କରି କହିଲେ– ଆଜିଠୁ ଶ୍ରୀକାର୍ତ୍ତିକେୟଙ୍କୁ ଶ୍ରୀଫଳ ଆକାରରେ ଭୂଷିତ

→









ଦେବୀପ୍ରସାଦ ଦାଶ

କରିଲି। ଶ୍ରୀଗଣେଶ ପୂଜନ ପାଇଁ ଯେତେବେଳେ ଶୁଭ କଳସର ବ୍ୟବସ୍ଥା କରାଯିବ ସେତେବେଳେ ସମସ୍ତେ ପ୍ରଥମେ ନଡ଼ିଆ ବା ଶ୍ରୀଫଳକୁ ଖୋଜି ବସିବେ। କଳସ ଉପରେ ନଡ଼ିଆକୁ ରଖି ବ୍ରାହ୍ମଣ ଶ୍ରୀଗଣେଶଙ୍କ ସହିତ ଶ୍ରୀକାର୍ତ୍ତିକେୟରୂପୀ ଶ୍ରୀଫଳକୁ ପ୍ରଥମେ ପୂଜା କରିବେ। ତେଣୁ ଆମେ ଯାହାକୁ ନଡ଼ିଆ ବା ଶ୍ରୀଫଳ ବୋଲି କହୁଛେ, ତାହା ଶ୍ରୀକାର୍ତ୍ତିକେୟଙ୍କ ରୂପାନ୍ତରିତ ଅବୟବ ଛଡ଼ା ଆଉ କେହି ନୁହନ୍ତି ।

**ପୂଜାରେ କାହିଁକି ଶ୍ରୀଫଳ ଆବଶ୍ୟକ**

''ଶ୍ରୀ'' ଶବ୍ଦର ଅର୍ଥ ହେଉଛି 'ଶ୍ରେଷ୍ଠ'। ଫଳ ମାନଙ୍କ ଭିତରେ ନଡ଼ିଆ ଶ୍ରେଷ୍ଠ ହୋଇଥିବାରୁ ଏହାର ନାମ ଶ୍ରୀଫଳ। ଈଶ୍ୱରଙ୍କୁ ସର୍ବଦା ଭଲ ବା ଶ୍ରେଷ୍ଠ ଦ୍ରବ୍ୟ ହିଁ ଅର୍ପଣ କରାଯିବାର ବିଧି ରହିଛି। ତେଣୁ ପ୍ରତ୍ୟେକ ପୂଜାପାଠରେ ନଡ଼ିଆର ବ୍ୟବହାର ହୋଇଥାଏ ।

'ଶ୍ରୀ' ଶବ୍ଦର ଅନ୍ୟ ଏକ ଅର୍ଥ ହେଉଛି 'ଲକ୍ଷ୍ମୀ'। ନଡ଼ିଆ ଲକ୍ଷ୍ମୀଙ୍କର ଅତି ପ୍ରିୟ ଫଳ ହୋଇଥିବାରୁ ସେଥିପାଇଁ ତାହାର ନାମ 'ଶ୍ରୀଫଳ'। ମଣିଷର ମନ ଭିତରେ ସେବା ବା ଉତ୍ସର୍ଗୀକୃତ ଭାବନାର ମଞ୍ଜି ବୁଣିଥାଏ ଶ୍ରୀଫଳ। ଅନ୍ୟ ଯେତେ ଫଳ ଅଛନ୍ତି ସମସ୍ତେ ନିଜ ନିଜର ରସକୁ ନିଜ ଶରୀର ସହ ଅଙ୍ଗାଙ୍ଗୀ ଭାବେ ସଂଗୁପ୍ତ କରି ରଖିଥାନ୍ତି। କିନ୍ତୁ ଶ୍ରୀଫଳ ହେଉଛି ଏକମାତ୍ର ଫଳ, ଯିଏ ନିଜ ରସ ବା ଜଳକୁ ନିଜଠାରୁ ଅଲଗା କରି ରଖିଥାଏ କେବଳ ମଣିଷଙ୍କୁ ସମର୍ପିତ କରିବା ପାଇଁ। ଏହା କ'ଣ କମ୍ ବଡ଼ ତ୍ୟାଗ ? ପୂଜାରେ ନଡ଼ିଆ ବ୍ୟବହାର କରିବାର ପ୍ରମୁଖ କାରଣ ହେଉଛି ନଡ଼ିଆର ଜଳ । ଜଳଯୁକ୍ତ ଶ୍ରୀଫଳକୁ ନିଷ୍ଠାର ସହ ପୂଜା କଲେ ଘରେ ଶୁଭ ଶକ୍ତିର ଆବିର୍ଭାବ ଘଟେ ଏବଂ ଲକ୍ଷ୍ମୀଙ୍କ କୃପାପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ଦ୍ୱିତୀୟରେ ଏହାର ଏକ ଜ୍ୟୋତିଷକ କାରଣକୁ ମଧ୍ୟ ଆଲୋଚନାର ପରିସରକୁ ନିଆଯାଇପାରେ। ନଡ଼ିଆ ଭିତରେ ଥିବା ଶ୍ୱେତ ବର୍ଣ୍ଣର ଅଂଶ, ଯାହାକୁ ସଶ ବୋଲି କୁହାଯାଏ, ତାହା ଚନ୍ଦ୍ରମାର ପ୍ରତୀକ। ଚନ୍ଦ୍ରର ବର୍ଣ୍ଣ ବି ଶୁଭ। ପୂଜାରେ ନଡ଼ିଆ ବ୍ୟବହାର କଲେ ଚନ୍ଦ୍ରମାଙ୍କ କୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି। ତୃତୀୟ କଥା ହେଲା, ପୂଜାରେ ନଡ଼ିଆକୁ ଭଙ୍ଗା ଯାଏ। ଯଦି ଏକା ଥରକେ ଭାଙ୍ଗିଗଲା, ତେବେ ଏହା ଶୁଭତ୍ୱର ସୂଚକ ବୋଲି ମନେ କରାଯାଏ। ନଡ଼ିଆ ଭଙ୍ଗା ପରମ୍ପରାଟି ଆମ ମନରୁ ଅହଂକାରକୁ ତଡିବା ପାଇଁ ବାର୍ତ୍ତା ଦିଏ। ନଡ଼ିଆର ଉପରି ଭାଗ କଠିନ । ଏହାକୁ ଭେଦ କରିବା ପରେ ହିଁ ଭିତରର ସୁମଧୁର ଜଳକୁ ପିଇହେବ। ଠିକ୍ ସେହିପରି ମଣିଷ ନିଜ ମନରେ ଥିବା ଅହଂକାରର ମୂଳୋତ୍ପାଟନ କରି ପାରିଲେ ହିଁ ନିଜ ଅଭ୍ୟନ୍ତରରେ ଥିବା ଦୈବତ୍ୱ ରୂପକ ମଧୁର ଜଳକୁ ଆସ୍ୱାଦନ କରିପାରିବ।

**ଏକଆଖିଆ ଏବଂ ଦୁଇଆଖିଆ ନଡ଼ିଆ**

ମହାଲକ୍ଷ୍ମୀଙ୍କ ପରି ମହାଦେବ ମଧ୍ୟ ଶ୍ରୀଫଳପ୍ରିୟ । ମହାଦେବଙ୍କ ତ୍ରିନୟନ ପରି ଶ୍ରୀଫଳର ମଧ୍ୟ ତିନୋଟି ଆଖି ଥାଏ। କିନ୍ତୁ ଏକଆଖି ନଡ଼ିଆ ଅତି ଶୁଭ ବୋଲି ବିଶ୍ୱାସ ରହିଛି। ଏହାକୁ ଠାକୁର ଘରେ ରଖି ପୂଜା କଲେ ଧନ ରତ୍ନର ବୃଦ୍ଧି ଘଟେ ବୋଲି ଶାସ୍ତ୍ରଜ୍ଞମାନେ ମତ ଦିଅନ୍ତି।

**ନଡ଼ିଆ ଦେଇଛି ପରିଚୟ**

ନଡ଼ିଆ ଖାଇସାରିବା ପରେ ତା'ର ଶଢ଼େଇକୁ ସାଧାରଣତଃ ସମସ୍ତେ ଫିଙ୍ଗି ଦିଅନ୍ତି। କିନ୍ତୁ **ଦେବୀ ପ୍ରସାଦ ଦାଶ** ଏହାକୁ ଆବର୍ଜନା ଭାବି ଫିଙ୍ଗି ଦେଇନାହାନ୍ତି ବରଂ ଏହାକୁ ନେଇ ସେ ପ୍ରସ୍ତୁତ କରିଛନ୍ତି ସୁନ୍ଦର ସୁନ୍ଦର କଳାକୃତି ; ଯାହା ଏବେ ତାଙ୍କର ପରିଚୟ ପାଲଟିଛି। ଭୁବନେଶ୍ୱରରେ ରହୁଥିବା ଦେବୀ ପ୍ରସାଦ ଦାଶ ଏହି ନଡ଼ିଆ ଶଢେଇରେ ତିଆରି କରିଛନ୍ତି ୫ ଫୁଟ ଲମ୍ବର ଏକ ମୟୂର ; ଯାହା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଏହାର ମୂଲ୍ୟ ୫ ଲକ୍ଷ ଟଙ୍କା। ମୟୂର ଛଡ଼ା ସେ ପ୍ରଜାପତି, ସ୍କୁଟର, ଚା' କେଟ୍‌ଲୀ, ବାସନ, ସାଇକେଲ ପରି ଅନେକ ଘରକରଣା ଜିନିଷ ଓ ସୁନ୍ଦର ସୁନ୍ଦର ଜୁଏଲାରି ବି ପ୍ରସ୍ତୁତ କରିଛନ୍ତି ; ଯାହାକୁ ଦେଖିଲେ କେହି ସହଜେ ବିଶ୍ୱାସ କରିବେ ନାହିଁ ଏହା ନଡ଼ିଆ ଶଢ଼େଇରେ ପ୍ରସ୍ତୁତ ହୋଇଛି ବୋଲି। ଏମ୍‌ବିଏ ପାସ୍ ପରେ ଦେବୀ ପ୍ରସାଦ ଅନେକ ବର୍ଷ ଦିଲ୍ଲୀରେ ଚାକିରି କରିଥିଲେ। କିନ୍ତୁ ଛୋଟବେଳର କଳା କାରିଗରି ପ୍ରତି ଥିବା ତାଙ୍କର ରୁଚି ଶେଷରେ ତାଙ୍କୁ ବାଧ୍ୟ କଲା ଚାକିରି ଛାଡ଼ିବା ପାଇଁ। ଭୁବନେଶ୍ୱରରେ ରହୁଥିବାରୁ ଦେଖୁଥିଲେ ମନ୍ଦିର କଡ଼ରେ ଓ ଲସି ସେଣ୍ଟରମାନଙ୍କରେ କିପରି ଗଦାଗଦା ନଡ଼ିଆ ଶଢ଼େଇ ପଡି ରହିଛି। ସେ ଚିନ୍ତା କଲେ, ଏସବୁ ତ କେବଳ ଆବର୍ଜନାରେ ନଷ୍ଟ ହୋଇଯାଉଛି। ଯଦି ଏହାକୁ ନେଇ କଳାକୃତିର ରୂପ ଦେଇ ହୁଅନ୍ତା ତା' ହେଲେ ଅର୍ଥ ରୋଜଗାର ହେବା ସହ ପରିବେଶ ବି ସୁରକ୍ଷିତ ରହିପାରନ୍ତା। ଏ ନେଇ ଦେବୀ ପ୍ରସାଦ କୁହନ୍ତି, 'ଓଡ଼ିଶାରେ ପ୍ରାୟ ୪୫୦ କି.ମି ହେଉଛି ଉପକୂଳ ଅଞ୍ଚଳ, ଯେଉଁଠାରେ ବହୁତ ନଡ଼ିଆ ଗଛ ରହିଛି। ତା'ଛଡା ଓଡ଼ିଶାର ବିଭିନ୍ନ ମନ୍ଦିରମାନଙ୍କରେ ବହୁତ ନଡ଼ିଆ ଭଙ୍ଗାହୁଏ। ଭୁବନେଶ୍ୱର ତ ମନ୍ଦିରମାଳିନୀ। ଏଠାରେ ଥିବା ମନ୍ଦିର ସହ ଲସି ଦୋକାନମାନଙ୍କୁ ମିଶାଇଲେ ପର୍ଯ୍ୟାପ୍ତ ପରିମାଣର ଶଢ଼େଇ ଏଇଠି ଆବର୍ଜନାରେ ପଡି ରହୁଛି। ତେଣୁ ୨୦୧୧ରେ ମୁଁ ଏହା ଉପରେ କାମ କରିବା ଆରମ୍ଭ କଲି। କାମର ଚାହିଦା ବହୁତ ରହିଲା। ଲୋକାଲ୍ ମାର୍କେଟରୁ ଆରମ୍ଭ କରି ଦେଶ ବିଦେଶରୁ ବି ଆମ ପାଖକୁ ଅର୍ଡର ଆସିବାକୁ ଲାଗିଲା। ଘରସଜ୍ଜା ସାମଗ୍ରୀଠାରୁ ଆରମ୍ଭ କରି ଫ୍ୟାଶନ୍ ଜୁଏଲାରି ପର୍ଯ୍ୟନ୍ତ ଗ୍ରାହକଙ୍କ ପସନ୍ଦକୁ ଦେଖି ଜିନିଷ ପ୍ରସ୍ତୁତ କରୁଛୁ ; ଯେଉଁଥିରେ ମୁଖ୍ୟ ଭୂମିକା ନେଉଛନ୍ତି ମହିଳାମାନେ। ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମୁଁ ଟ୍ରେନିଂ ଦେଇଛି। ସେମାନେ ତାଙ୍କ ଅଞ୍ଚଳରେ କାମ କରିବା ସହ ମୋ ସେଣ୍ଟରକୁ ବି ଆସୁଛନ୍ତି। ଏହାଛଡା ଓଡ଼ିଶା ସରକାରଙ୍କ ତରଫରୁ ମାଷ୍ଟର କ୍ରାଫ୍ଟସ୍ ମ୍ୟାନ୍ (ଏମ୍‌ସିଏମ୍)ଭାବରେ ଓଡ଼ିଶାର ବିଭିନ୍ନ ଜାଗାକୁ ମୁଁ ଟ୍ରେନିଂ ଦେବାକୁ ଯାଉଛି। ଆମେ କଳାକୃତି ବିକ୍ରି ପାଇଁ ଅନ୍‌ଲାଇନ୍ ବୁକିଂ ସହ ଦେଶ ବିଦେଶରେ ହେଉଥିବା ପ୍ରଦର୍ଶନୀରେ ଭାଗ ନେଉଛୁ। ନଡ଼ିଆ କଳାକୃତି ପାଇଁ ଲୋକଙ୍କର ଏତେ ଆଗ୍ରହ ଦେଖି ବହୁତ ଖୁସି ଲାଗୁଛି।' ଏକଥା ସତ ଦେବୀ ପ୍ରସାଦଙ୍କ ଆଗ୍ରହ ଆଉ ପରିଶ୍ରମ ପାଇଁ ଅଳିଆଗଦାରେ ଫିଙ୍ଗାଯାଉଥିବା ଶଢ଼େଇ ଆଜି ଦେଶ ବିଦେଶରେ ଲୋକଙ୍କ ଘରେ ଶୋଭାବର୍ଦ୍ଧନ କରୁଛି।

**ସ୍ୱାସ୍ଥ୍ୟ ପାଇଁ ମହୌଷଧି ନଡ଼ିଆ:** ଡା. ବାସୁଦେବ ପ୍ରଧାନ

ଫଳ ମଧ୍ୟରେ ଶ୍ରେଷ୍ଠ ନଡ଼ିଆ ଖାଇବାକୁ ଯେମିତି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ମହୌଷଧି। ପଇଡ଼ ସବୁଠାରୁ ନିରାପଦ ଓ ସ୍ୱାସ୍ଥ୍ୟପ୍ରଦ ପାନୀୟ। ପଇଡ଼ ପାଣି ଓ ନଡ଼ିଆରେ ଅନେକ ଔଷଧୀୟ ଗୁଣ ରହିଛି। ଯେମିତିକି: * ହାଡ଼ଫୁଟିଜନିତ ଦାଗ ଦୂର ପାଇଁ ପଇଡ଼ ପାଣି ସର୍ବୋତ୍ତମ। ଦାଗ ହୋଇଥିବା ସ୍ଥାନରେ ପଇଡ଼ ପାଣିକୁ ତୁଳାରେ ଭିଜାଇ ଦିନକୁ ୨/୩ଥର ଲଗାଇଲେ ଦାଗ ଦୂର ହୋଇଥାଏ। * ପଇଡ଼ ପାଣି ମୁହଁରେ ଲଗାଇଲେ ତ୍ୱଚା ମୁଲାୟମ ହେବା ସହ ଉଜ୍ଜ୍ୱଳ ଦେଖାଯାଇଥାଏ। * ନିୟମିତ ପଇଡ଼ପାଣି ପିଇଲେ ଏସିଡିଟି ଦୂର ହୁଏ। * ପରିସ୍ରା ପୋଡ଼ା ଲାଗି ପଇଡ଼ ପାଣି ବେଶ୍ ଉପକାରୀ। * କାମଳରୋଗର ଉପଚାର ପାଇଁ ପଇଡ଼ ପାଣି ପିଇବା ଜରୁରୀ। ନଡିଆରେ ମଧ୍ୟ ଭରି ରହିଛି ଅନେକ ଔଷଧୀୟଗୁଣ।












* ଘା’ ଶୁଖାଇବା ପାଇଁ ନଡ଼ିଆତେଲ ସର୍ବୋତ୍ତମ। * ନଡ଼ିଆତେଲ କେଶ ପାଇଁ ଶ୍ରେଷ୍ଠ ପୋଷକ ହୋଇଥିବାରୁ ନିୟମିତ ମୁଣ୍ଡରେ ଲଗାଇଲେ କେଶର ରୁକ୍ଷତା ଦୂର ହେବା ସହ କେଶ ଘନ ଏବଂ ସୁସ୍ଥ ହୋଇଥାଏ। * ଯେଉଁମାନଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଗରମ ଭାତରେ ଏକ ଚାମଚ ଲେଖାଏଁ ନଡ଼ିଆତେଲ ଖାଇଲେ ଉପକାର ମିଳେ। * ମୁଣ୍ଡରେ ଉକୁଣି ହେଉଥିଲେ ନଡ଼ିଆ ତେଲରେ ପିଆଜ ମିଶାଇ ଲଗାନ୍ତୁ। * ମୁଣ୍ଡ ବିନ୍ଧୁଥିଲେ ତୁରନ୍ତ ଉପଶମ ପାଇଁ ପଇଡ଼ ପାଣି ପିଅନ୍ତୁ ଓ ନଡ଼ିଆତେଲରେ ପିସ୍ତାବାଦାମ ପେଷ୍ଟ କରି କପାଳରେ ଲଗାନ୍ତୁ। * ଓଠ ଫାଟୁଥିଲେ ନଡ଼ିଆ ରସକୁ ଓଠରେ ଲଗାନ୍ତୁ। * ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ହେଲେ ନଡ଼ିଆ ସର୍ବଶ୍ରେଷ୍ଠ ଉପାଦାନ। * ଶରୀରର ଶ୍ରୀ ବୃଦ୍ଧି ପାଇଁ ପ୍ରତିଦିନ ଖାଦ୍ୟରେ ନଡିଆ ସାମିଲ କରିବା ସହ ନଡିଆ ପାଣି ପିଅନ୍ତୁ। * ଗାଧୋଇବା ପୂର୍ବରୁ ପ୍ରତିଦିନ ନଡିଆ ତେଲ ଲଗାଇବା ଦ୍ୱାରା ତ୍ୱଚା ଚିକ୍କଣ ଓ ସୁନ୍ଦର ହେବା ସହ ଶୀଘ୍ର ଲୋଚାକୋଚା ହେବ ନାହିଁ। * ଏସିଡିଟି ପାଇଁ ନଡିଆ ଏକ ଶ୍ରେଷ୍ଠ ଆୟୁର୍ବେଦ ଔଷଧ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପଇଡ଼ ଓ ନଡ଼ିଆକୁ ଖାଦ୍ୟ ପାନୀୟ ଓ ଔଷଧ ରୂପେ ବ୍ୟବହାର କଲେ ଏହା ଶରୀରକୁ ଅନେକ ସୁଫଳ ଦେବ।

### ନଡ଼ିଆ ଏଠି ଆର୍ଥିକ ମେରୁଦଣ୍ଡ

ନଡ଼ିଆ ଚାଷଠାରୁ ଆରମ୍ଭ କରି ନଡିଆ କତା ହସ୍ତଶିଳ୍ପ କ୍ଷେତ୍ରରେ ପ୍ରାଧାନ୍ୟ ରହିଥିବା ସାକ୍ଷୀଗୋପାଳକୁ ଅନେକେ ଓଡ଼ିଶାର ନାରୀକେଳ ରାଜଧାନୀ ବୋଲି ମଧ୍ୟ କୁହନ୍ତି। ଭୁବନେଶ୍ୱରଠାରୁ ୪୦ ଓ ପୁରୀରୁ ୨୦ କିଲୋମିଟର ଦୂରରେ ରହିଛି ସାକ୍ଷୀଗୋପାଳ। ସାକ୍ଷୀଗୋପାଳଙ୍କ ଅବସ୍ଥାନକୁ ନେଇ ଏହା ଏକ ତୀର୍ଥସ୍ଥାନର ପରିଚୟ ପାଇଥିବାବେଳେ, ନଡ଼ିଆ ହେଉଛି ଏହାର ଅର୍ଥନୈତିକ ମେରୁଦଣ୍ଡ। ନଡ଼ିଆ ଓ ନଡ଼ିଆର ବିଭିନ୍ନ ଅଂଶକୁ ଉପଯୋଗ କରି ଗଢ଼ି ଉଠିଛି ଏଠାରେ ବ୍ୟବସାୟ ଓ ହସ୍ତଶିଳ୍ପ। ଏଠାକାର ୯୦ ପ୍ରତିଶତ ଲୋକଙ୍କର ଜୀବନ ଜୀବିକା ହେଉଛି ନଡ଼ିଆ। ନଡ଼ିଆ ଚାଷର ଉନ୍ନୟନ ନିମନ୍ତେ ଏଠାରେ ରହିଛି ଆଞ୍ଚଳିକ ନାରୀକେଳ ଗବେଷଣା କେନ୍ଦ୍ର; ଯେଉଁଠି ବିଭିନ୍ନ କିସମର ନଡ଼ିଆ ଚାରା ପ୍ରସ୍ତୁତ ହେବା ସହ ଖତସାର ପ୍ରୟୋଗ, ରୋଗପୋକ ଦମନ ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ନଡ଼ିଆ ଚାଷୀମାନଙ୍କୁ ଉନ୍ନତ ବୈଷୟିକ ପରାମର୍ଶ ଦେବା ପାଇଁ କୃଷି ବିଭାଗ ଓ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର ରହିଛି। ସେହିପରି ଉତ୍ପାଦିତ ନଡ଼ିଆର ବିକ୍ରିବଟା ପାଇଁ ରହିଛି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର। ନଡ଼ିଆକତାର ତନ୍ତୁରେ ବିଭିନ୍ନ ଘରକରଣା ଜିନିଷ ସହ କଳାକୃତି ପ୍ରସ୍ତୁତ କରି ଏଠାକାର ମହିଳାମାନେ ସ୍ୱାବଲମ୍ବନଶୀଳ ହୋଇପାରିଛନ୍ତି।

ନଡ଼ିଆ ତୋଳିବା, ନଡ଼ିଆ ଛଡାଇବା, ଗୁଣାତ୍ମକମାନ ପରଖିବା, ନଡ଼ିଆ ଗୋଦାମମାନଙ୍କରେ କାମ କରିବା ଠାରୁ ନଡ଼ିଆପତ୍ର ଖଡିକା ସଂଗ୍ରହ, ଖଡିକା ମୁଠା ପ୍ରସ୍ତୁତ କରିବା, ନଡ଼ିଆ କତାରେ ଦଉଡି, ପାପୋଛ, ଗାଲିଚା, କତା କଣ୍ଢେଇ, କତାଗଦି, କତାଗୁଣ୍ଡରେ ସାର ଓ ନଡ଼ିଆ ତେଲ ପ୍ରସ୍ତୁତ କରିବା ଆଦି କାମ ଏଠାକାର ଲୋକମାନଙ୍କୁ ଉପାର୍ଜନକ୍ଷମ କରିପାରିଛି। ଉନ୍ନତ ପ୍ରଣାଳୀରେ ନଡ଼ିଆ ଚାଷ କରିବା ପାଇଁ ସରକାରୀ ସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହନ ମିଳୁଛି। ଏମ୍‌ଜିଏନ୍‌ଆର୍‌ଏସ୍‌ରେ ନଡ଼ିଆ ଚାଷୀମାନଙ୍କୁ ନିଜନିଜ ବଗିଚାରେ ନଡିଆ ଚାରା ରୋପଣ ପାଇଁ ମଜୁରି, ରୋଗପୋକ ନିରାକରଣ ଓ ଖତସାର ପ୍ରୟୋଗ ପାଇଁ ଆର୍ଥିକ ଅନୁଦାନ ଦିଆଯାଉଛି। ନଡ଼ିଆ ଚାଷ ଏକ ଲାଭକରୀ ଫସଲ। ବିଳମ୍ବରେ ହେଲେ ମଧ୍ୟ ଏହା ଅଧିକ ଦିନ ପର୍ଯ୍ୟନ୍ତ


ଶ୍ରୀ ସନ୍ନ୍ୟାସୀ ଜୀ


ଡ. ବାସୁଦେବ ପ୍ରଧାନ

ଆୟ ଦେଇଥାଏ। ସାକ୍ଷୀଗୋପାଳ ଓ ଏହାର ଆଖପାଖ ଅଞ୍ଚଳରେ ଉତ୍ପାଦିତ ନଡ଼ିଆର ବ୍ୟବସାୟ କ୍ଷେତ୍ରରେ ମାଇଲଖୁଣ୍ଟ ଭଳି ବିଗତ ୬୦ ଦଶକରୁ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କାମ କରୁଛି। ଦେଶର ଅନ୍ୟ ନଡ଼ିଆ ବଜାର ଭଳି  ଆମ ରାଜ୍ୟର ସାକ୍ଷୀଗୋପଳ ନିୟନ୍ତ୍ରିତ ବଜାର ନଡ଼ିଆ କାରବାରର ଏକ ପେଣ୍ଠସ୍ଥଳୀ। ପୁରୀ ଜିଲାର ୭ଟି ବ୍ଲକ ମଧ୍ୟରେ ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଡେଲାଙ୍ଗ, କଣାସ ଓ ପିପିଲି ଅଞ୍ଚଳକୁ ନେଇ ଏହାର ବଜାର। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାରରେ ସପ୍ତାହର ୬ ଦିନ ଏବଂ ମାଳତୀପାଟପୁର, ଗବକୁଣ୍ଡ, ବ୍ରହ୍ମଗିରି, ଅଣ୍ଡାଳସିଂହ- ବିଜିପୁର ବଜାରରେ ସପ୍ତାହର ଗୋଟିଏ ଦିନ ଚାଷୀମାନଙ୍କ ଠାରୁ ଖୋଲା ନିଲାମ ଜରିଆରେ ବ୍ୟବସାୟୀମାନେ ନଡ଼ିଆ କ୍ରୟ କରିବାର ସୁବିଧା କରାଯାଇଛି। ଏଠାରେ ୧୧୭ ଜଣ ନଡ଼ିଆ ବ୍ୟବସାୟୀ ପଞ୍ଜୀକୃତ ହୋଇଥିବା ବେଳେ ଇ-ନାମ ବ୍ୟବସ୍ଥାରେ ନଡ଼ିଆ କାରବାର ପାଇଁ ପ୍ରାୟ ୮୭ ଜଣ ବ୍ୟବସାୟୀ ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି। ଦୂରଦୂରାନ୍ତ ବଜାରକୁ ଏଠାରୁ ନଡିଆ ରପ୍ତାନି କରାଯାଉଛି। ଅନ୍ ଲାଇନରେ ନଡ଼ିଆ କାରବାର ସୁବିଧା ଯୋଗାଇ ଦେବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଏହି ପ୍ରକ୍ରିୟାକୁ ପସନ୍ଦକରି ଇ-ନାମ ବ୍ୟବସ୍ଥାରେ ଚାଷୀ ପଞ୍ଜୀକୃତ କରାଯାଉଛି। ସାକ୍ଷୀଗୋପାଳ ଅଞ୍ଚଳର ନଡ଼ିଆ ସ୍ୱାଦିଷ୍ଟ ଏବଂ ଅଧିକଦିନ ରହିପାରିବା କ୍ଷମତା ଯୋଗୁ ଏହାର ବେଶ ଚାହିଦା ରହିଛି। କେବଳ ଦକ୍ଷିଣ ଭାରତକୁ ଛାଡିଦେଲେ ବର୍ଷର ବିଭିନ୍ନ ସମୟରେ ସାକ୍ଷୀଗୋପାଳରୁ ଟ୍ରକଯୋଗେ ରାଜ୍ୟ ତଥା ରାଜ୍ୟ ବାହାରକୁ ନଡିଆ ରପ୍ତାନି କରାଯାଉଛି। ଚାଷୀମାନେ ନଡିଆ ନିୟନ୍ତ୍ରିତ ବଜାରରେ ପହଞ୍ଚାଇବା ପରେ ସେଠାରୁ ନିଲାମ ମାଧ୍ୟମରେ ବ୍ୟବସାୟୀମାନେ ନଡିଆ କ୍ରୟ କରନ୍ତି। ବଡ ଶୁଖିଲା ନଡିଆର ସବୁବେଳେ ସବୁ ସ୍ଥାନରେ ଚାହିଦା ରହିଥିବାରୁ ସେଗୁଡିକ ଭଲ ଦରରେ ବିକ୍ରି କରାଯାଇଥାଏ।

ମହିଳା ଓ ଯୁବପିଢିଙ୍କୁ ଆତ୍ମନିର୍ଭରଶୀଳ କରି ଗଢ଼ି ତୋଳିବା ଦିଗରେ କତା ହସ୍ତଶିଳ୍ପର ଭୂମିକା ବହୁତ। ଦିନଥିଲା ନଡିଆ କତାକୁ ଜାଳେଣି ରୂପେ ବ୍ୟବହାର କରାଯାଉଥିଲା। ଗରିବ ଗୁରୁବା ପରିବାରର ମହିଳାମାନେ ନଡିଆକତାକୁ ପାଣିରେ ଭଲ ଭାବରେ ଭିଜାଇ ନରମ କରିବା ପରେ କାଠ ପିଟଣାରେ ପିଟିପିଟି ତନ୍ତୁ ବାହାର କରୁଥିଲେ। ଏହି ତନ୍ତୁକୁ ହାତରେ ବୋଳି ପ୍ରଥମେ କତାରଶି ପ୍ରସ୍ତୁତ କରାଯାଉଥିଲା। ଏଥିପାଇଁ ସେମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡୁଥିଲା। ପ୍ରାୟ ଷାଠିଏ ଦଶକରେ ଅଳ୍ପ ସଂଖ୍ୟକ ମହିଳା ଶିଳ୍ପ ସମବାୟ ସମିତି ଗଠନ ଜରିଆରେ ଏହାକୁ ହସ୍ତକଳାର ରୂପଦେଇ କତାରେ ବ୍ରସ ପାପୋଛ, ରଶି ପାପୋଛ, ଗାଲିଚା ସହିତ ନାନା ରଙ୍ଗବେରଙ୍ଗର ଘର ସଜାଇବା ସାମଗ୍ରୀ ପ୍ରସ୍ତୁତ କଲେ। ସାକ୍ଷୀଗୋପାଳ ବ୍ୟତୀତ ଉପକୂଳ ଜିଲାମାନଙ୍କ ମଧ୍ୟରେ ପୁରୀ, କଟକ, ବାଲେଶ୍ୱର ଓ ଗଞ୍ଜାମରେ ଏହି ଶିଳ୍ପକଳାକୁ ପହଞ୍ଚାଇବା ନିମନ୍ତେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ବିଭାଗ ପକ୍ଷରୁ ୧୮ରୁ ୩୫ ବର୍ଷର ଯୁବତୀ ଓ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ତାଲିମ ପ୍ରଦାନ କରିଥିଲେ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର କତାଶିଳ୍ପ ନିଗମ, ଖଦି ବୋର୍ଡ ଓ ବ୍ୟାଙ୍କଗୁଡିକ କତା କାରିଗରମାନଙ୍କର ବିକାଶ ଦିଗରେ ସହଯୋଗର ହାତ ବଢ଼ାଇଛନ୍ତି। ଧୀରେଧୀରେ ବିଦ୍ୟୁତଚାଳିତ ଯନ୍ତ୍ରାଂଶରେ ସରଳ, ସହଜ ଓ ଉତ୍କୃଷ୍ଟମାନର କତା ସାମଗ୍ରୀ ପ୍ରସ୍ତୁତ କରାଯିବା ଫଳରେ କତା ଶିଳ୍ପ ଏବେ ଆଗକୁ ବଢିପାରିଛି।

ସାକ୍ଷୀଗୋପାଳରେ ରହିଥିବା ନଡିଆ ଗୋଦାମମାନଙ୍କରେ ନଡିଆରୁ କତା ବାହାର କରି ନଡିଆ ବିକ୍ରୟ କରାଯାଇଥାଏ। ଗୋଦାମରୁ କତାଗୁଡିକ ସଂଗ୍ରହକରି ସେଥିରୁ କତାପାରୁ ବା ତନ୍ତୁ ପ୍ରସ୍ତୁତ କରିବା ନିମନ୍ତେ ପ୍ରାୟ ୭ଶହ କତା କାରଖାନା ରହିଛି। ପ୍ରଥମେ କତାକୁ ଦୁଇରୁ ତିନିଦିନ ପାଣିରେ ଭିଜାଇବା ପରେ କ୍ରସରରେ ବାଡେଇ ନରମ କରାଯାଏ। ତନ୍ତୁ ପ୍ରସ୍ତୁତ ମେଶିନରେ କତା ପକାଇବା ପରେ ସେଥିରୁ କତାପାରୁ ଓ କତାଗୁଣ୍ଡ ଅଲଗା ଅଲଗା ବାହାରିଥାଏ। କତା ହସ୍ତଶିଳ୍ପ ସାମଗ୍ରୀ ସହିତ ଗଦି, କୁସନ, ରଶି ପ୍ରସ୍ତୁତ ନିମନ୍ତେ କତାପାରୁ ବଣ୍ଡଲ କରାଯାଇ କୁଇଣ୍ଟାଲ ଦରରେ ବିକ୍ରି କରାଯାଇଥାଏ। କତା ଗୁଣ୍ଡଗୁଡିକ କୁକୁଡା ଫାର୍ମରେ, ଜାଳେଣି ଓ ଜୈବିକ ସାର ଭାବରେ ବ୍ୟବହାର କରାଯାଇଥାଏ।

କତାପାରୁରେ ବିଭିନ୍ନ ମୋଟେଇର ରଶି ହସ୍ତ ଓ ବିଦ୍ୟୁତଚାଳିତ ଚରଖା ସାହାଯ୍ୟରେ ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରୟ କରାଯାଉଛି। ସେହିପରି କତାପାରୁକୁ ରଙ୍ଗ କରିବା ନିମନ୍ତେ ନାଲି, ନେଳି, ବାଇଗଣି, ହଳଦିଆ, ଗୋଲାପି ଓ ଆକାଶି ରାସାୟନିକ ରଙ୍ଗ ଗରମ ପାଣିରେ ମିଶାଇ ନିର୍ଦ୍ଧାରିତ ଅନୁପାତ ଓ ସମୟ ପର୍ଯ୍ୟନ୍ତ ସିଝାଇ ଛାଇ ସ୍ଥାନମାନଙ୍କରେ ଶୁଖାଇ ବ୍ୟବହାର ଉପଯୋଗୀ କରାଯାଏ। ବିଭିନ୍ନ ପ୍ରକାର ଓ ଆକାରର ବ୍ରସ ପାପୋଛ ପ୍ରସ୍ତୁତି ନିମନ୍ତେ ଗାଲିଚା ସହିତ ଘର ସଜାଇବା ଜିନିଷ ମହିଳାମାନେ ପ୍ରସ୍ତୁତ କରୁଛନ୍ତି। କିଛି ମହିଳା ଅବସର ସମୟରେ ଏହାକୁ ପ୍ରସ୍ତୁତ କରୁଥିବାବେଳେ କେତେକ ମହିଳା ଏହାକୁ ନେଇ ଘରୋଇ ଉଦ୍ୟୋଗ ପ୍ରତିଷ୍ଠା କରିଛନ୍ତି। ମହିଳା ଶିଳ୍ପ ସମବାୟ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳାମାନଙ୍କୁ ଏଦିଗରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ମେଳା, ଯାତ୍ରା, ପର୍ଯ୍ୟଟନ ବଜାରରେ ଏହାକୁ ବିକ୍ରୟ କରାଯାଉଛି। ସାକ୍ଷୀଗୋପାଳ ନିକଟବର୍ତ୍ତୀ ସାତଶଂଖ, ତେଇଶିପୁର, ବୀରପ୍ରତାପପୁର, ରଘୁରାଜପୁର, ବୀରହରେକୃଷ୍ଣପୁର, ପ୍ରତାପ ପୁରୁଷୋତ୍ତମପୁର, ଅଳଗୁମ, ରାୟଚକ୍ରଧରପୁର, କାଦୁଆ, ଶ୍ରୀରାମଚନ୍ଦ୍ରପୁର, ବୀରଗୋବିନ୍ଦପୁର, ବଳପୁର, ବୀରରାମଚନ୍ଦ୍ରପୁର, ପଣସପାଟଣା, ଗେଟ ବଜାର, ମଠସାହି, ମହାମାୟାସାହି, ବିଶ୍ୱନାଥପୁର, ପାଣିଭଣ୍ଡାର, ବରାଳ, ଚଣାଗୋରଡା, ବଣିଆସାହି, ବାସୁକେରା ଆଦି ଗ୍ରାମରେ କତା ହସ୍ତଶିଳ୍ପ କୁଟୀର ଶିଳ୍ପ ଭାବରେ ଗଢ଼ି ଉଠିଛି। ଗାଲିଚା ପ୍ରସ୍ତୁତ ନିମନ୍ତେ ତନ୍ତ, ବ୍ରସ ପାପୋଛ ନିମନ୍ତେ କାଠର ଫ୍ରେମ, ପଞ୍ଝା, କତୁରୀ, ରଶି ପ୍ରସ୍ତୁତି ନିମନ୍ତେ ଚରଖା ଆଦି ଯନ୍ତ୍ରାଂଶ ତିଆରି କରିବାକୁ ଏଠାରେ କାରଖାନା ରହିଛି। କତା ଗୁଣ୍ଡରୁ ଖତସାର ପ୍ରସ୍ତୁତ କରାଯାଉଛି। ବିଭିନ୍ନ ଜୈବିକ ସାର ସହିତ କତାଗୁଣ୍ଡରେ ଜଳଧାରଣ ଶକ୍ତି ଅଧିକ ରହିଥିବାରୁ ଏହାର ଚାହିଦା ବଢୁଛି।

ମଣିଷର ଜୀବନ ଜୀବିକାରେ ପ୍ରମୁଖ ଅଂଶ ହୋଇଥିବା ଶ୍ରୀଫଳ ସତରେ ତା’ର ନାମକୁ ସାର୍ଥକ କରିଛି।

**-ରୋଜାଲିନ୍ ମହାନ୍ତି**

**କିଶୋର ମହାପାତ୍ର (ସାକ୍ଷୀଗୋପାଳ)**







# ସେରାମିକ୍ ଶିଳ୍ପୀ ସରୋଜ





**ଶି**ଳ୍ପୀଙ୍କ ଯାଦୁକରୀ ହାତର ସ୍ପର୍ଶରେ ଯେକୌଣସି ପଦାର୍ଥ ହୋଇଯାଏ ଆକର୍ଷଣୀୟ। ସେ ପଥର ଶିଳ୍ପୀ ହୁଅନ୍ତୁ କି ମାଟି କାରିଗର। ଏମିତି ଜଣେ କାରିଗରଙ୍କ ହାତରେ ପ୍ରସ୍ତୁତ ହୋଇଥିବା ଟେରାକୋଟା ଓ ସେରାମିକ୍‌ର କଳାକୃତିକୁ ଦେଖିଲେ କେହି ସହଜରେ ଆଖି ଫେରାଇ ପାରିବେ ନାହିଁ। ଟେରାକୋଟା ଓ ସେରାମିକ୍ କଳାରେ ନିଆରା ପରିଚୟ ସୃଷ୍ଟି କରିଥିବା ଶିଳ୍ପୀ ହେଲେ **ସରୋଜ କୁମାର ରାଉତ**। ଯେଉଁଥିପାଇଁ ବିଭିନ୍ନ ସଂସ୍ଥାରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ନିଜ କଳାକାରିଗରୀ ସମ୍ପର୍କରେ ସରୋଜ କୁହନ୍ତି , କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୁଳ ଗ୍ରାମରେ ମୋର ଜନ୍ମ। ବାପା ବଂଶୀଧର ରାଉତ ଜଣେ ସାଧାରଣ କୃଷକ,ମା' ଚଞ୍ଚଳା ରାଉତ ଗୃହିଣୀ । ଚାଷକାମରେ ହିଁ ପରିବାର ଚଳିଥାଏ। ପିଲାଦିନେ ମାଣବସା ବେଳେ ଘରେ ଝୋଟି ଚିତାକୁ ଦେଖୁଥିଲି। ଝୋଟି ପକାଇବାକୁ ମୋତେ ଭଲ ଲାଗୁଥିଲା। ଗାଁରେ ଖୁଦୁରୁକୁଣୀ ଓଷା ପାଇଁ ଯେଉଁ ମୂର୍ତ୍ତି ଦରକାର ପଡୁଥିଲା ତାକୁ ମୁଁ ତିଆରି କରୁଥିଲି। ଆସ୍ତେଆସ୍ତେ କଳାକାରିଗରି ପ୍ରତି ମୋର ରୁଚି ବଢ଼ିଥିଲା। ଗାଁ ନଦୀରୁ ମାଟି ଆଣି ସେଥିରେ ବିଭିନ୍ନ ପଶୁପକ୍ଷୀ,ଫୁଲଫଳର ଆକୃତି ଓ ଦେବଦେବୀଙ୍କ ମୂର୍ତ୍ତି ଗଢୁଥିଲି । ଡ୍ରଇଁ କାଗଜ ଉପରେ ସବୁଜପତ୍ର ଓ ରଙ୍ଗଣି ଫୁଲରେ ଅଠା ଲଗାଇ ବିଭିନ୍ନ ପ୍ରକାର ଚିତ୍ରାଙ୍କନ କରୁଥିଲି। ମୋ ହାତ ତିଆରି ଚିତ୍ରଗୁଡ଼ିକୁ ନେଇ ଘର କାନ୍ଥରେ ଲଗାଉଥିଲି। ଗାଁ ସ୍କୁଲରେ ପଢୁଥିବାବେଳେ ମୋର ଚିତ୍ରାଙ୍କନ ଭଲ ହେଉଥିବାରୁ ଶିକ୍ଷକମାନେ ମୋତେ ଖୁବ୍ ପ୍ରଶଂସାକରି କହୁଥିଲେ, ପାଠରେ ନ ହେଲେ ନାହିଁ ଚିତ୍ରରେ ତୁ ଦିନେ ନାଁ କରିବୁ ! ଏହି କଥା ପଦଟି ସବୁବେଳେ ମୋ ମନ ଭିତରେ ରହିଥିଲା। ତେବେ ଦଶମ ଶ୍ରେଣୀ ପଢ଼ା ପରେ ମୋର ପାଠରେ ଡୋରି ବନ୍ଧାହେଲା। ହେଲେ ହସ୍ତକଳାରେ ଶିକ୍ଷାନେବା ପାଇଁ ଭୁବନେଶ୍ୱରକୁ ଆସିଲି। ପୋଡ଼ାମାଟି ହସ୍ତଶିଳ୍ପ ଦେଖିବା ପରେ ଏହି କାମ କରିବା ପାଇଁ ମୋର ଆଗ୍ରହ ବଢ଼ିଲା। ମତେ ଜଣେ ବନ୍ଧୁ ଏଠାରେ ହସ୍ତକଳାରେ ୨ବର୍ଷର ତାଲିମ ପାଇଁ ଟେରାକୋଟା ବିଭାଗରେ ନାମ ଲେଖିବାକୁ କହିଲେ । ତା'ପରେ ଏଠାରୁ ହିଁ ବିଧିବଦ୍ଧ ଭାବେ କଳାକାରିଗରି ଜୀବନ ଆରମ୍ଭ ହେଲା। ଗୁରୁ ସ୍ୱର୍ଗତ ଦେବରାଜ ସାହୁ ମୋତେ ପୋଡ଼ା ମାଟିର କଳାକୃତି ଶିକ୍ଷା ଦେଇଥିଲେ। ମାତ୍ର ସେତେବେଳେ ଆମ ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା। ବହୁ ଅଭାବ ମଧ୍ୟରେ ପଢା ସାରିଲି। ଭୁବନେଶ୍ୱରରେ ରହି ଆର୍ଟ ଟ୍ୟୁଶନକରି ରୋଜଗାର କଲି। ମୋ ବଡ଼ଭାଇ ମୁମ୍ବାଇରେ ଏକ କମ୍ପାନୀରେ କାମ କରୁଥିଲେ। ମଝିରେ ମଝିରେ ସେ ମଧ୍ୟ କିଛି ଆର୍ଥିକ ସାହାଯ୍ୟ କରୁଥିଲେ। ଏ ଭିତରେ ଧଉଳି ଚାରୁକଳା ମହାବିଦ୍ୟାଳୟରେ ୫ବର୍ଷ ପଢ଼ିଲି । ସ୍ଥାପତ୍ୟ କଳାରେ ଅଧ୍ୟୟନ କଲି। କିନ୍ତୁ ମୋର ବହୁତ ଇଚ୍ଛା ଥିଲା ସେରାମିକ୍ କଳାରେ କାମ କରିବାକୁ। ଅବଶ୍ୟ ସେତେବେଳେ ସେମିତି ବିଶେଷ କିଛି ଏହି ସେରାମିକ୍ କଳାରେ ଶିକ୍ଷାର ବ୍ୟବସ୍ଥା ନ ଥିଲା। ଧଉଳିରେ ଥିଲା ଗୋଟିଏ ସେରାମିକ୍‌ର ଷ୍ଟୁଡିଓ। ଅନ୍ୟଟି ଲଳିତକଳା ଆଞ୍ଚଳିକ କେନ୍ଦ୍ରରେ ରହିଥିଲା। ସେରାମିକ ସାଧାରଣ ମାଟିଠାରୁ ଭିନ୍ନ। ଏହାକୁ କିଛି ନିର୍ଦ୍ଦିଷ୍ଟ ତାପମାତ୍ରାରେ ପୋଡ଼ାଯାଇଥାଏ। ସେରାମିକ୍‌ରେ ପୁରୁଣା ଗାଡ଼ି,ଟାଇଟାନିକ ଜାହାଜ, ଡଙ୍ଗା, ଅଟୋ ଟେଲିଫୋନ,ପୁରୁଣା ଟ୍ରେନ୍ ଇଞ୍ଜିନ , ଡାକୋଡ଼ା ଫ୍ଲାଇଟ୍ ଆଦି ୭ଶହରୁ ଊର୍ଦ୍ଧ୍ୱ ବିଭିନ୍ନ କଳାକୃତି ତିଆରି କରିଛି। ତେବେ ରାଜ୍ୟ ସଂଗ୍ରହାଳୟରେ ମୋର ପ୍ରାୟ ୭ଫୁଟ ଉଚ୍ଚତାର ଏକ ଟେରାକୋଟାର ରଥଚକ ସ୍ଥାନ ପାଇଛି। ଏହା ମୋ ପାଇଁ ଗର୍ବ । ସେହିପରି ଏକ ନନ୍ଦିଘୋଷ ରଥ ତିଆରି କରିଛି । ମୃତ୍ତିକା ପ୍ରଦର୍ଶନ ମେଳାରେ ମୁଁ ତିଆରି କରିଥିବା ଏହି ଟେରାକୋଟାର ରଥକୁ ଦେଖି ଜଣେ ଏହାର ମୂଲ୍ୟ ପଚାରି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିନ୍ତୁ ଏହାର କାରୁକାର୍ଯ୍ୟ ଦେଖି ଜାଣିଥିଲେ ଯେ ସତରେ ବହୁତ ସମୟ ଲାଗିଥିବ। ଏହି କଳା ପ୍ରଦର୍ଶନ ପାଇଁ ଭୁବନେଶ୍ୱର, ଦିଲ୍ଲୀ, ନାଗପୁର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଭୋପାଳ, ମୁମ୍ବାଇ ଆଦି ସ୍ଥାନରେ ହେଉଥିବା ସେରାମିକ୍ ୱାର୍କଶପ ଶିବିରରେ ଯୋଗଦେଇଛି। ଏଥିପାଇଁ ରାଜ୍ୟସ୍ତରୀୟ ହସ୍ତକଳା ପୁରସ୍କାର ଏବଂ ରାଜ୍ୟ ଲଳିତକଳା ଏକାଡେମୀ ପୁରସ୍କାର ସହ ଜୁନିୟର ଫେଲୋଶିପ ପାଇଛି। ତେବେ ସେରାମିକ୍‌ରେ ବିଭିନ୍ନ କଳାକୃତିର ଲୋକପ୍ରିୟତା ଦିନକୁ ଦିନ ବଢୁଥିବା ବେଳେ ଏହି କଳା ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ବଢୁଛି। ସେରାମିକ୍ ହସ୍ତକଳା ଆମ ରାଜ୍ୟର କଳା କାରିଗରି କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି।

ଆଉ ଏହି ସେରାମିକ୍ ଓ ଟେରାକୋଟା ପାଇଁ ମୁଁ ମୋର ଏକ ପରିଚୟ ତିଆରି କରିପାରିଛି।

–ବନବିହାରୀ ବେହେରା











## ଅନାମ କବିତା

**–କାମଦେବ ମହାରଣା**

କେତେଦିନ ତେଲମାରି ତୁଙ୍ଗ ବୋଲାଇବ
ତେଲ ସରିଗଲେ ବାବୁ ତୁଳିରୁ ପଡ଼ିବ
ତେଲମରା ମୁକୁଟ ବି ଶଇଳ ଠୁ ଗରୁ
ତଇଳ–ଅମଳ ମାନ ଖାଣ୍ଟି ଗଲୁ ସାରୁ।

ତେଲ ବିହୁନେ ଅଚଳ ପୀରତି ମଟର
ତେଲ ମରିଲେ ସଂସାର ପିଡ଼ିଆରେ ପୁର
ତେଲମରା ଚକମକ ଆଖିକୁ ଦି ଦିନ
ତେଲ ଇଡିଗଲେ ଶେଷ ଘଡି ସନମାନ।

ତେଲରେ ହଜାର ଜାତି ସହସ୍ର ପ୍ରଜାତି
କେଉଁ ନିତିଆନି ଖାଣ୍ଟି କିଏ ସେ ଅଜାତି!
ମଣିମାଙ୍କ ପାଦପଦ୍ମ କେଉଁ ତେଲ ପ୍ରିୟ
କିଏ ଶାନ୍ତି ପ୍ରଦାୟିନୀ କେ ଦିଏ ପ୍ରଦାହ!

ତେଲର ମହିମା ନନା ଯୋଗୀ ଅଗୋଚର।
ତଇଳ–ଅନଳ ପ୍ରୀତି ଅନାମକୁ ଡର।

*–ପୁରୀ–୨, ମୋ:୯୬୫୮୦୨୬୬୧୨*

## କଫନ୍

**–ସୁଜାତା ମହାପାତ୍ର**

ପେଟର ଭୋକକୁ ମେଣ୍ଟାଇବାକୁ
ଆଖିରେ କଜ୍ଜଳ ନାଉଛି ଝିଅ
ଲୁଚି ଯାଉଛି ଭୋକ,
ଶତା, ଯନ୍ତ୍ରଣାର ଲୁହ ।
ଠୁମରି, ଠୁମକା ଓ ମୁଜରାରେ
ପାଗଳ ଗ୍ରାହକ,
ସୁରା ଓ ସାକୀର ଅପୂର୍ବ ଯୁଗଳବନ୍ଦୀ !
ମୋତେ ରୁଟିଖଣ୍ଡେ ଦେ' ରେ' ଦାଦା,
ଭାରି ଭୋକ!
ରହ, ବୁଢ଼ୀ ଶବ ସତ୍କାର ହେଉ ଆଗ ।
ନୂଆ କଫନ୍ ଖଣ୍ଡେ ଦରକାର,
ସାରା ଜୀବନ ଛିଣ୍ଡା, ପୁରୁଣାରେ
ଶରୀର ଢାଙ୍କିଥିବା ବୁଢ଼ୀର ଶବ ପାଇଁ
କେଉଁଠୁ ଆସିବ, କିଏ ଦେବ ?
ଏଠି ଶବକୁ ବି ଅପେକ୍ଷା କରିବାକୁ ହୁଏ
ନୂଆ କଫନ ଖଣ୍ଡେ ପାଇଁ !
ଯେଉଁଆଡ଼େ ଯିବ ଗହଳି, ଶୋଭାଯାତ୍ରା
ରାମ, କୃଷ୍ଣ, ଆହ୍ଲା, ଯୀଶୁ, ସାଇରାମ,
ହନୁମାନ, ଭକ୍ତଙ୍କ ପଟୁଆର
ଜୟ ବଜରଙ୍ଗ, ଜୟ ଭୀମ,
ଜୟ ଶ୍ରୀରାମ, ଜୟ ଆମ୍ବେଦକର ଧ୍ୱନୀରେ
ଦବିଯାଉଛି ଖଣ୍ଡେ କଫନ୍ ପାଇଁ ଚିତ୍କାର !
ମୁଖର ସହର!
ଲାଲ, ସବୁଜ, କେଶରୀ ରଙ୍ଗର
ଅସଂଖ୍ୟ ପତାକା,
ତଥାପି ଯୋଗାଡି ହେଲା ନାହିଁ
ଖଣ୍ଡେ ଧଳା ରଙ୍ଗର କଫନ୍ !
ବୁଢ଼ୀ ଅପେକ୍ଷା କରିଛି
ଶୋଭାଯାତ୍ରାର ଶେଷକୁ,
କବର ହେବା ପାଇଁ
ଖଣ୍ଡେ ନୂଆ କଫନ୍ ଓ
ପୋଲିସର ଅନୁମତିକୁ !

*–ଶିବାନୀ ଏଂକ୍ଲେଭ, ବମୀଖାଲ, କେନାଲ ରୋଡ଼
ଭୁବନେଶ୍ୱର, ମୋ : ୯୪୩୭୩୬୦୯୬୪*

# ଜୋତା

**–ଶିବସୁନ୍ଦର ପାଣିଗ୍ରାହୀ**

ଆଜିବି ମୁଁ ଅଫିସରୁ ଫେରିବା ପରେ ମୋ ଜୋତା ହଳକ ପିନ୍ଧି ଅତି ଉଚ୍ଛନ୍ନ ସହକାରେ ସେ ରାସ୍ତା ଉପରକୁ ଦୌଡିଲା । କଲୋନୀ ରାସ୍ତା କଡରେ ଧାଡ଼ିବାନ୍ଧି ଛିଡ଼ା ହୋଇଥିବା ବତିଖୁଣ୍ଟ ମାନଙ୍କରୁ ବୁଣି ହୋଇପଡୁଥିବା ସ୍ୱଷ୍ଟ ଆଲୁଅର ବିପଣିରେ ଜମିଛି ବ୍ୟାଡମିଟନ୍ ଖେଳ । ଏବେ ପରୀକ୍ଷା ସରି ଖରାଛୁଟି ଆରମ୍ଭର ବେଳ। ସବୁଦିନ ପରି ଏଇ ସଞ୍ଜ ବେଳଟାରେ ପାଠ ପଢ଼ି ବସିବା ଭଳି ବିରକ୍ତିକର ପୁନରାବୃତ୍ତିରୁ ମୁକ୍ତି । ଅଥଚ ଏ ଅସହ୍ୟ ଗରମରେ ସମୟ ଅତିବାହିତ କରିବାକୁ ନିରୁପାୟ ହୋଇ ଏ.ସି ରୁମ୍ ଭିତରେ, ତା' ମାମାର ମୋବାଇଲ୍‌ରୁ ୟୁ ଟ୍ୟୁବ୍ କି କୌଣସି ଅନ୍‌ଲାଇନ୍ ଗେମ୍ ପଛରେ ନପଡ଼ି, ହାତରେ ରାକେଟସ୍ ଧରି ତା' ବୟସର ଅନ୍ୟ ଅନେକଙ୍କ କୋଳାହଳ ଭିତରେ ସ୍ୱଷ୍ଟ ବାରିହୋଇ ପଡୁଥିବା ଜଣେ ବୟସ୍କ ମୁଖିଆଙ୍କ ଭଳି ମାପିଚୁପି କଥାକୁହା ତା'ର ଉପସ୍ଥିତି ମୋତେ ଅବଶ୍ୟ କିଛି ମାତ୍ରାରେ ତୃପ୍ତ ଓ ମୁଗ୍ଧ କରିଦେଉଥିଲା।

ଚାଲି ଶିଖିବା ଆଗରୁ ତା ପାଇଁ କିଣାହୋଇ ଆସେ ରକମ ରକମର ଜୋତା। ତଥାପି ମୁଁ ଦେଖି ଆସୁଥିଲି ପିଲାଟି ଦିନରୁ ମୋ ଜୋତା ମାନଙ୍କ ପ୍ରତି ତାର ପ୍ରବଳ ଦୁର୍ବଳତା । ସେ ଛୁଆ ଥିଲା ବେଳେ ମୋ ଜୋତାରେ ତା କୁନି ପାଦ ହଳକ ଗଳେଇ ଦେଇ ପ୍ରଗଳଭ ହୋଇ କହିଉଠେ 'ପାପା ତମ ଜୋତା ଭାରି ମଜବୁତ୍ ହୋଇଛି। କିନ୍ତୁ ୟା'କୁ ପିନ୍ଧି ମୁଁ ଚାଲି ପାରୁନି' ! ପଞ୍ଚମ ଶ୍ରେଣୀ ବେଳକୁ ତା' ପାଦର ମାପ ମୋ ଜୋତା ସହ ପାଖାପାଖି ମେଳ ଖାଇଗଲା । ହେଲେ ମୁଁ ଦେଖୁଥିଲି ବୟସ ବଢିବା ସହ ଆଗଭଳି ମୋ ଜୋତାମାନଙ୍କ ପ୍ରତି ରହିଥିବା ତାର ସେଇ ସ୍ପୃହା ସେତେଟା ଆଉ ନଥିଲା । ଏବେ କେବଳ ସ୍କେଟିଂ କରିବା ପାଇଁ ହିଁ ମୋର ମଜବୁତିଆ ଜୋତା ହଳକୁ ସେ ବ୍ୟବହାର କରେ, ତା' ସ୍କେଟ୍ ଉପରେ ପିନ୍ଧିବାକୁ । କିନ୍ତୁ ଆଜି ବ୍ୟାଡମିଟନ ପାଇଁ ? ତେବେ ଏଭଳି ଏକ ବୈଚିତ୍ର୍ୟହୀନ ଘଟଣାକୁ ଅଣଦେଖା କରି ଅଫିସ ଫେରନ୍ତା କ୍ଳାନ୍ତି ଓ ଶ୍ରାନ୍ତପଣରୁ ମୁକୁଳିବା ପାଇଁ କପେ ନାଲି ଚା'ର ସୁଡୁକି ସହ ସୋଫାରେ ବସି ଆଇପିଏଲ୍ ନିଶାରେ ମସଗୁଲ୍ ହେବାକୁ ଉଚିତ୍ ମଣିଲି ।



ଢେର୍ ସମୟ ପରେ ସଉଦା ପାଇଁ ମାର୍କେଟ ଯିବା ଉଦ୍ଦେଶ୍ୟରେ ବାଇକ୍ ବାହାର କରିବା ବେଳକୁ ସେମାନଙ୍କ ଆଡକୁ ପହଁରି ଯାଇ ମୋ ନଜର ଆପେ ଅଟକି ଗଲା । ତା' ପାଦରେ ମୋ ଜୋତା ହଳକ ତ ଥିଲା କିନ୍ତୁ ଏଇ କିଛିଦିନ ତଳେ ତା' ପାଇଁ କିଣାହୋଇ ଆସିଥିବା ଅର୍ଖ ନୂଆ ସ୍ପୋର୍ଟସ୍ ଜୋତା ହଳକ ଚକ୍ ଚକ୍ କରି ତା' ସାଙ୍ଗ ଗୋଡ଼ରେ ଶୋଭା ପାଉଥିଲା । ଦୃଶ୍ୟଟି ଅବଶ୍ୟ ବିସ୍ମୟ ସୂଚକ ମନେ ହେଉଥିଲେ ହେଁ ମୋ ମନରେ କିନ୍ତୁ କିଞ୍ଚିତ ଉଦ୍ଦୀପନା ସୃଷ୍ଟିକଲା ନାହିଁ । ମାର୍କେଟରୁ ଫେରିବା ବେଳକୁ କଲୋନୀ ରାସ୍ତାଟି ପ୍ରାୟ ଶୁନ୍‌ଶାନ୍ ହୋଇ ପଡ଼ିଥାଏ । ହୁଏତ ସେମାନଙ୍କ ଖେଳ ସରିଯାଇଥାଏ । ରାତ୍ରି ଭୋଜନ ପରେ ମୋ ନିକଟକୁ ଆସି ତା' ଚିରାଚରିତ ନିରୀହ ସ୍ୱରରେ ସେ ଯାହା କହିଲା, ତାକୁ ଶୁଣି ମୁଁ ଚକିତ ନ ହୋଇ ରହି ପାରିଲିନି । ମାନସ ପଟରେ ଆପେ ଖେଳି ଉଠିଲା ମୋ ପିଲା ଦିନର କଥା । କଷ୍ଟ କଲା ପରି ମିଳୁଥିଲା ବର୍ଷକୁ ମାତ୍ର ହଳେ ଚପଲ । ଦୈବାତ୍ ହଜିଗଲେ କି ଚୋରି ହୋଇଗଲେ ପୁଣି ନୂଆ ହଳକ ମିଳିବାର ସମ୍ଭାବନା କ୍ଷୀଣ । ସେଥିପାଇଁ କଣ୍ଟା ଲଟା, ମାଟି, ଗୋଡି ଭରା ଗାଁ ରାସ୍ତାର ରୁକ୍ଷ ଆଘାତରେ ବାରମ୍ବାର ଆହତ ହେଉଥିଲେ ବି ଆମେ ଭାଇ, ଭଉଣୀ ପ୍ରାୟ ଖାଲି ପାଦରେ ହିଁ ଚାଲୁ । କିଣା ହୋଇଥିବା ଚପଲକୁ ସାଇତି ରଖିଥାଉ ଅତି ଯତନରେ। ନିହାତି ଆବଶ୍ୟକ ସ୍ଥଳେ ବ୍ୟବହାର କରୁ । ତଥାପି ସ୍ୱଳ୍ପ ଦିନର ନିବିଡତା ପରେ ଚକିତ କଲା ପରି ପ୍ରାୟ ପ୍ରତିଥର କୋଉ ଟିଉସନ୍ ଘର ବାରଣ୍ଡାରେ ହେଉ କି ମନ୍ଦିର ବାହାରେ ଜମା ହୋଇଥିବା ଜୋତା,ଚପଲ ମାନଙ୍କ ଭିଡ ଭିତରୁ କେମିତି କେଜାଣି ତାହା ଆପେ ଉଭାନ ହୋଇଯାଏ । ମୋ ତଳିପାର ଚମଡା ଅସହାୟ ହୋଇପଡେ, ବଧିରା ହୋଇପଡେ । ମୁଁ ବିମର୍ଷ ହୁଏ, କ୍ଷୋଭିତ ହୁଏ ଅଥଚ ଭାଙ୍ଗିପଡେ ନାହିଁ । ଘରର ପରିସ୍ଥିତିକୁ ଦେଖି ପୁଣି ଏକ ନୂଆ ଚପଲ କିଣିବା ପାଇଁ ନନା କି ମାଆଙ୍କ ପାଖରେ ଅନୁନୟ କି ଅଳି କରିପାରେ ନାହିଁ । ଅଗତ୍ୟା ମୋ ଶୈଶବ ଓ କୈଶୋରର ଅର୍ଦ୍ଧାଧିକ ବୟସ ବିନା ଚପଲରେ ହିଁ କଟେ ।

ତା' ଗରିବ ସାଙ୍ଗର ଜୋତା ନାହିଁ ବୋଲି ନିଜ ସ୍ପୋର୍ଟସ୍ ଜୋତା ତାକୁ ଦାନ କରିଦେବାକୁ ସଂକଳ୍ପ କରିସାରିଥିବା ଓ କେବଳ ମୋ ଅନୁମତିକୁ ଅପେକ୍ଷା କରିଥିବା ଦଶ, ଏଗାର ବର୍ଷର ଛୁଆ ଭିତରେ ଅଙ୍କୁରିତ ଏମିତି ଏକ ଉତ୍ସର୍ଗୀକୃତ ମାନସିକତା ଓ ବଦାନ୍ୟତାର ଅଦମ୍ୟ ଆବେଗକୁ ଠାବ କରିସାରି ମୁଁ ଚକିତ ହୋଇ ଉଠିଲି । ଗୋଟେ ଆକସ୍ମିକ ଓ ଅବିଶ୍ୱାସ ଉତ୍ତେଜନାରେ କୋଳେଇ ନେଲି ତାକୁ । ମୋ ଅତୀତର ଅବିନ୍ୟସ୍ତ ପୃଷ୍ଠାମାନେ କେମିତି ସୁସଜ୍ଜିତ ମନେ ହେଉଥିଲେ ଏବେ ।

*–ଜେ କେ ପୁର, ରାୟଗଡ଼, ମୋ : ୮୦୧୮୮୩୮୩୭୮*

# ‘ସାଲାର’ ଭରଷା



ନିକଟରେ ‘ଆଦିପୁରୁଷ’ ପାଇଁ ସମାଲୋଚନାର ଶିକାର ହୋଇଥିବା ପ୍ରଭାସ ଏବେ ଟେନସନରେ। କାରଣ ଏହି ଫିଲ୍ମଟିକୁ ନେଇ ସେ ବେଶ୍ ଆଶା ରଖିଥିଲେ। କିନ୍ତୁ ସବୁ ଆଶା ପାଣି ଫୋଟକା ପରି ମିଳାଇ ଯାଇଥିଲା। ସିନେମାଟି ରିଲିଜ ହେବା ପରେ ଏହାର ସଂଳାପ, ଉପସ୍ଥାପନାକୁ ନେଇ ସରଗରମ ଆଲୋଚନା ତ ହୋଇଥିଲା, ସେପଟେ ବକ୍ସ ଅଫିସରେ ଫିଲ୍ମଟିର ବିଜନେସ ଦିନକୁ ଦିନ କମିବାରେ ଲାଗିଥିଲା। ଏବେ ତାଙ୍କର ଭରଷା ‘ସାଲାର’। ଏହି ଆକ୍ସନଭିତ୍ତିକ ସିନେମାର ଟିଜର ନିକଟରେ ରିଲିଜ ହୋଇଛି। ଏଥିରେ ପ୍ରଭାସଙ୍କ ଷ୍ଟଣ୍ଟ ଶଟ୍ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଟିଜର ରିଲିଜ ହେବାର ପ୍ରଥମ ଦିନରେ ଏହାକୁ ପ୍ରାୟ ୨.୫ ଲକ୍ଷ ଦର୍ଶକ ଦେଖିଥିଲେ। ଏହି ଫିଲ୍ମଟିକୁ ପ୍ରଯୋଜକ ତଥା ‘କେଜିଏଫ’ ଫେମ୍ ପ୍ରଶାନ୍ତ ନୀଲ୍ ଦୁଇଟି ପାର୍ଟରେ ନିର୍ମାଣ କରିବାକୁ ସ୍ଥିର କରିଛନ୍ତି। ଏହାର ପ୍ରଥମ ପାର୍ଟ ଚଳିତ ବର୍ଷ ସେପ୍ଟେମ୍ବର ୨୮ରେ ପରଦା ଉପରକୁ ଆସିବ। ଏଥିରେ ପ୍ରଭାସଙ୍କ ବ୍ୟତୀତ ଶ୍ରୁତି ହାସନ, ଟିନୁ ଆନନ୍ଦ, ପୃଥ୍ୱୀରାଜ ସୁକୁମାରନ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାକୁ କନ୍ନଡ, ତାମିଲ, ତେଲୁଗୁ, ମାଲାୟାଲାମ ଏବଂ ହିନ୍ଦୀ ଭାଷାରେ ନିର୍ମାଣ କରାଯାଇଛି। ତେବେ ଫିଲ୍ମଟି ପ୍ରଭାସଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ସାନ୍ୟାଙ୍କ ନେଟ୍‌ୱର୍ଥ



ସାନ୍ୟା

ସାନ୍ୟା ମଲହୋତ୍ରା ୨୦୧୬ରେ ରିଲିଜ୍ ହୋଇଥିବା ବାୟୋଗ୍ରାଫିକାଲ୍ ସ୍ପୋର୍ଟ ଡ୍ରାମା ଫିଲ୍ମ ‘ଦଙ୍ଗଲ’ରୁ ନିଜର ଫିଲ୍ମ କ୍ୟାରିୟର୍ ଆରମ୍ଭ କରିଥିଲ। ଏଥିରେ ତାଙ୍କୁ ରେସ୍‌ଲର୍ ମହାବୀର ସିଂ ଫୋଗାଟ୍‌ଙ୍କ ଝିଅ ବବିତା କୁମାରୀ ଫୋଗାଟ୍ କ୍ୟାରେକ୍ଟରରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଯେଉଁଥିରେ ଆମୀର ଖାଁ ମହାବୀର ସିଂ ଫୋଗାଟ୍‌ର ଭୂମିକା ଅଭିନୟ କରିଥିଲେ। ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବିଜ୍‌ନେସ୍ କରିବା ସହ ସାନ୍ୟାଙ୍କ ଆକ୍ଟିଂକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଏହାପରେ ସିକ୍ରେଟ୍ ସୁପରଷ୍ଟାର, ପଟାଖା, ବଧାଇ ହୋ ପରି ଏକାଧିକ ଫିଲ୍ମରେ ସାନ୍ୟା ଅଭିନୟ କରିବାକୁ ଲାଗିଲେ। ଆଉ ଏବେ ରିଲିଜ୍ ଅପେକ୍ଷାରେ ଥିବା ଶାହରୁଖ ଖାଁ ଅଭିନୀତ ‘ଜୱାନ’ ଫିଲ୍ମରେ ବି ସାନ୍ୟାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ତା’ସହିତ ଆଉ ଏକ କଥା ବି ଶୁଣିବାକୁ ମିଳୁଛି ଯେ, ସାନ୍ୟା ଏତେ କମ୍ ଦିନ ଭିତରେ ନିଜ ଆକ୍ଟିଂ କ୍ୟାରିୟର୍‌ରେ ଯେମିତି ସଫଳତା ପାଇଚାଲିଛନ୍ତି, ସେମିତି ବଢି ଚାଲିଛି ତାଙ୍କର ନେଟ୍‌ୱର୍ଥ। ସୂଚନାନୁଯାୟୀ, ୨୦୨୧ରେ ସାନ୍ୟା ଜୁହୁରେ ୧୫ କୋଟିର ଏକ ୫ ବିଏଚ୍‌କେ ଆପାର୍ଟମେଣ୍ଟ କିଣିଛନ୍ତି। ତା’ସହିତ କାର୍ ପ୍ରିୟ ସାନ୍ୟାଙ୍କ ପାଖରେ ପ୍ରାୟ ୧.୦୭ କୋଟି ଟଙ୍କାର ଅଡି କ୍ୟୁ୮ ଓ ପ୍ରାୟ ୩୦ ଲକ୍ଷ ମୂଲ୍ୟର ଜିପ୍ କମ୍ପାସ କାର୍ ଥିବାର ସୂଚନା ମଧ୍ୟ ରହିଛି।

# ପୁଣି ଅପେକ୍ଷା

ଦିଶା ପଟାନି କେତେ ଆଶା କରିଥିଲେ, ଯାହାହେଉ, ‘ୟୋଦ୍ଧା’ ଫିଲ୍ମଟି ଶେଷରେ ରିଲିଜ ହେବ। ଡେଟ ମଧ୍ୟ ଘୋଷଣା କରାଯାଇଥିଲା। ଫିଲ୍ମଟି ଚଳିତ ମାସ ୭ରେ ପରଦା ଉପରକୁ ଆସିଥାଆନ୍ତା। ହେଲେ କ’ଣ ହେଲା କେଜାଣି, ଏହି ତାରିଖକୁ ପୁଣି ପରିବର୍ତ୍ତନ କରାଯାଇଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ଯେ, କେତେକ କାରଣରୁ ଚିତ୍ରଟି ଚଳିତ ବର୍ଷ ଡିସେମ୍ବର ୧୫ରେ ୱାର୍ଲ୍ଡୱାଇଡ୍ ରିଲିଜ ହେବ। କରନ୍ ଜୋହରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଆକ୍ସନଭିତ୍ତିକ ଫିଲ୍ମରେ ସିଦ୍ଧାର୍ଥ ମାଲହୋତ୍ରା, ଦିଶା ପଟାନି ଏବଂ ରଶି ଖାଁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏ ବିଷୟରେ ଦିଶା କହନ୍ତି, ‘ଏହି ଫିଲ୍ମଟିର ପ୍ରଯୋଜକ କରନ୍ ଜୋହର ସୂଚନା ଦେଇଥିଲେ ଯେ ଜୁଲାଇ ୭ରେ ସିନେମାଟି ପରଦା ଉପରକୁ ଆସିବ। କିନ୍ତୁ କେତେକ କାରଣରୁ ପୁଣି ଥରେ ରିଲିଜ ଡେଟ୍ ଚେଞ୍ଜ୍ ହୋଇଛି। ଏ ନେଇ ଅବଶ୍ୟ ଟିକେ ମନ ଦୁଃଖ ହେଉଛି। ହେଲେ ସିନେମାଟି କେବେ ରିଲିଜ ହେବ ତାହା ପ୍ରଯୋଜନା ସଂସ୍ଥା ଉପରେ ନିର୍ଭର କରେ।’ ଏହି ଫିଲ୍ମଟିର କାହାଣୀ ରଚନା କରିଛନ୍ତି ସାଗର ଆମ୍ବ୍ରେ। ଅନ୍ୟପକ୍ଷରେ ସାଗର ଆମ୍ବ୍ରେ ଓ ପୁଷ୍କର ଓଝା ଏହାର ନିର୍ଦ୍ଦେଶନା ଦେଇଛନ୍ତି।



ଦିଶା



ତମନ୍ନା



ଅକ୍ଷୟ – ଟ୍ୱିଙ୍କଲ୍

# କାୱାଲା..କାୱାଲା

ରିଲିଜ ଅପେକ୍ଷାରେ ଥିବା ‘ଜେଲର’ ଫିଲ୍ମର ଏକ ଗୀତକୁ ନେଇ ଏବେ ବେଶ୍ ଚର୍ଚ୍ଚା ହେଉଛି। ଏହାର ଆରମ୍ଭ ଲାଇନ୍ ରହିଛି ‘କାୱାଲା..କାୱାଲା’। ଏହି ବିଗ୍ ବଜେଟ ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୧୦ରେ ରିଲିଜ୍ ହେବାକୁ ଯାଉଛି। କିନ୍ତୁ ତା’ ପୂର୍ବରୁ ଏହାର ଟ୍ରେଲର ଆସିବା ପରେ ତାହା ବେଶ୍ ଦର୍ଶକାଦୃତ ହୋଇଛି। ଖାସ୍ କଥା ହେଲା, ଉକ୍ତ ଫିଲ୍ମର ମୁଖ୍ୟ ଭୂମିକାରେ ରଜନୀକାନ୍ତ ଏବଂ ତମନ୍ନା ଅଭିନୟ କରିଛନ୍ତି। ପୁଣି ଏଭଳି ସଂଯୋଗ ଭାଇରାଲ୍ ହୋଇଥିବା ଏହି ଗୀତଟିରେ ଦୁହେଁ ନାଚିଛନ୍ତି। ଏ ନେଇ ତମନ୍ନା କହନ୍ତି, ‘ଯେତେବେଳେ ଏହି ଗୀତର କୋରିଓଗ୍ରାଫି କରାଗଲା ତାହା ଦେଖି ମୁଁ ଜାଣିନେଇଥିଲି ଯେ, ଏହାର ଶୁଟିଂ ସମୟରେ ମୋତେ ଆବଶ୍ୟକତାଠାରୁ ଅଧିକ ପରିଶ୍ରମ କରିବାକୁ ପଡିବ। ତେଣୁ ମୁଁ ଭଲ ଭାବରେ ପ୍ରାକ୍ଟିସ କରିଥିଲି। ଏହି ଗୀତରେ କେବଳ ମୁଁ ନୁହେଁ ରଜନୀକାନ୍ତଙ୍କ ପରି ନାମୀ ଅଭିନେତା ନାଚିଛନ୍ତି। ତେଣୁ ଗୀତଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଏବେ ଏହି ଗୀତଟି ବେଶ୍ ଭାଇରାଲ ହୋଇଛି।’ ଅନୁରାଜ କାମରାଜଙ୍କ ରଚିତ ଉକ୍ତ ଗୀତ ପାଇଁ କଣ୍ଠଦାନ କରିଛନ୍ତି ଶିଳ୍ପା ରାଓ ଏବଂ ଅନିରୁଦ୍ଧ ରବିଚନ୍ଦର। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ନେଲସନ ଦିଲୀପ କୁମାର। ଏଥିରେ ରଜନୀକାନ୍ତ, ତମନ୍ନାଙ୍କ ବ୍ୟତୀତ ମୋହନଲାଲ, କନ୍ନଡ ସୁପରଷ୍ଟାର ଶିବରାଜକୁମାର, ରମ୍ୟା କ୍ରିଷ୍ଣନ, ଯୋଗୀ ବାବୁ, ବସନ୍ତ ରବି, ବିନାୟକନ୍ ଏବଂ ଏକ ସ୍ୱତନ୍ତ୍ର ଭୂମିକାରେ ଜ୍ୟାକି ଶ୍ରଫ ଅଭିନୟ କରିଛନ୍ତି।

# ଅକ୍ଷୟଙ୍କୁ ବିବାହ ପାଇଁ ସର୍ତ୍ତ ରଖିଥିଲେ ଟ୍ୱିଙ୍କଲ୍

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଖିଲାଡି ମାଷ୍ଟର ଅକ୍ଷୟ କୁମାର ଓ ଟ୍ୱିଙ୍କଲ୍ ଖାନାଙ୍କ ଯୋଡ଼ିକୁ ଏକ ସଫଳ ଯୋଡ଼ି ଭାବେ ଗ୍ରହଣ କରାଯାଏ ; ଯାହାଙ୍କୁ ତାଙ୍କ ଫ୍ୟାନମାନେ ବି ଖୁବ୍ ପସନ୍ଦ କରିଥାନ୍ତି। ଅକ୍ଷୟଙ୍କ ନାଁ ଅନେକ ଅଭିନେତ୍ରୀଙ୍କ ସହ ଯୋଡ଼ା ଯିବାବେଳେ ଶିଳ୍ପୀ ସେଟ୍ଟୀ ଓ ରବିନା ଟଣ୍ଡନଙ୍କ ସହ ତାଙ୍କ ବାହାଘରକୁ ନେଇ ସେ ସମୟରେ ବେଶ୍ ଚର୍ଚ୍ଚା ହୋଇଥିଲା। ହେଲେ ବାଜି ମାରି ନେଇଥିଲେ ଟ୍ୱିଙ୍କଲ୍। କିନ୍ତୁ ମଜାର କଥା ହେଉଛି, ଅକ୍ଷୟ ହିଁ ଟ୍ୱିଙ୍କଲ୍‌ଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ସୂଚନା ମୁତାବକ, ଏକ ଫଟୋଶୁଟ୍ ସମୟରେ ଅକ୍ଷୟ କୁମାରଙ୍କର ଟ୍ୱିଙ୍କଲ୍‌ଙ୍କ ସହ ଦେଖା ହୋଇଥିଲା। ପ୍ରଥମ ଦେଖାରେ ହିଁ ଅକ୍ଷୟ ଟ୍ୱିଙ୍କଲ୍‌କୁ ପସନ୍ଦ କରିଥିଲେ। ବେଶ୍ କିଛିଦିନ ସେମାନଙ୍କର ରୋମାନ୍ସ ଚାଲିଲା। ତା’ପରେ ଯେବେ ଅକ୍ଷୟ ଟ୍ୱିଙ୍କଲ୍‌ଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଲେ, ସେତେବେଳେ ଟ୍ୱିଙ୍କଲ୍‌ଙ୍କ ଅଭିନୀତ ‘ମେଲା’ ଫିଲ୍ମ ରିଲିଜ ହେବାର ଥିଲା। ଟ୍ୱିଙ୍କିଲ୍ କହିଲେ, ଯଦି ଫିଲ୍ମଟି ହିଟ୍ ହୋଇଯାଏ, ତା’ହେଲେ ସିଏ ଏବେ ବିବାହ କରିବେ ନାହିଁ ଆଉ ଯଦି ଫ୍ଲପ୍ ହୋଇଯାଏ ତା’ହେଲେ ବିବାହ କରିବେ। ଯୋଗକୁ ଫିଲ୍ମଟି ବକ୍ସ ଅଫିସ୍‌ରେ ସେତେ ଭଲ ବିଜ୍‌ନେସ୍ କରିପାରିଲା ନାହିଁ। ଶେଷରେ ଟ୍ୱିଙ୍କିଲ୍‌କୁ ନିଜର କଥା ରଖିବାକୁ ପଡିଲା। ଆଉ ୨୦୦୧ରେ ଅକ୍ଷୟ ଓ ଟ୍ୱିଙ୍କିଲ୍ ବିବାହ ବନ୍ଧନରେ ବାନ୍ଧି ହୋଇଗଲେ। ବିବାହ ପରେ କିନ୍ତୁ ଖିଲାଡ଼ି ମାଷ୍ଟର ଟ୍ୱିଙ୍କଲ୍‌ଙ୍କ ପ୍ରେମରେ ଏମିତି କ୍ଲିନ୍ ବୋଲ୍ଡ ହୋଇଗଲେ ଯେ, ଆଉ କୌଣସି ଅଭିନେତ୍ରୀଙ୍କ ନାଁ ତାଙ୍କ ସହ କେବେ ଶୁଣିବାକୁ ମିଳିନାହିଁ। ଏପଟେ ଟ୍ୱିଙ୍କଲ୍ ବି ବିବାହ ପରେ ଅଭିନୟ ଜଗତରୁ ପୂରା ଦୂରେଇଯାଇ ଘରକୁ ସମୟ ଦେବା ସହ ଲେଖାଲେଖି ଓ ଇଣ୍ଟେରିୟର୍ ଡିଜାଇନିଂରେ ବ୍ୟସ୍ତ ରହିଲେ। ସୂଚନାଯୋଗ୍ୟ, ଟ୍ୱିଙ୍କଲ୍ ଏବେ ଜଣେ ସ୍ତମ୍ଭକାର, ଲେଖକ, ଇଣ୍ଟେରିୟର୍ ଡିଜାଇନର୍ ଓ ପ୍ରଡ୍ୟୁସର।

# ସମସ୍ତଙ୍କୁ କିଛି କିଛି ଦେଇଥିଲି

ବଡ଼ ହୋଇ ପାଠପଢ଼ି ଚାକିରି କରି ନିଜ ଗୋଡ଼ରେ ଛିଡ଼ା ହେବି ଓ ଅନ୍ୟମାନଙ୍କ ପାଇଁ କାମ କରିବି ବୋଲି ପିଲାଦିନରୁ ସ୍ୱପ୍ନଟିଏ ପାଳିଥିଲି ମନରେ। ହେଲେ ବିଧିର ବିଧାନ ଥିଲା ଅନ୍ୟ ପ୍ରକାର। ବାଣୀବିହାରରେ ପିଜି କରୁଥିବା ସମୟରେ ପାଠପଢ଼ା ମଝିରେ ହୋଇଥିଲା ମୋର ବାହାଘର। କୌଣସି ପ୍ରକାରେ ପଢା ଶେଷକଲି। ମୋ ମନକଥା କହିବାରୁ ସ୍ୱାମୀ କହିଲେ, 'ମୁଁ ଯେତିକି ରୋଜଗାର କରୁଛି ଆମ ପରିବାର ସୁରୁଖୁରୁରେ ଚଳିଯିବ ବୋଲି ଭାବୁଛି। ବାପାବୋଉଙ୍କର ବୟସ ହେଲାଣି, ବଡ଼ଭାଇଙ୍କର ମୁଣ୍ଡ ଠିକ୍ ନାହିଁ ତା' ସହିତ ଘରେ ମଧ୍ୟ ବିଭିନ୍ନ ସମସ୍ୟା ରହିଛି। ତୁମେ ଚାକିରି କଲେ ଆହୁରି କାମ ବଢିଯିବ। ମୋର ଚାକିରିରେ କାର୍ଯ୍ୟଭାର ଏତେ ଅଧିକ ଯେ ଚାହିଁଲେ ବି ତୁମକୁ ସାହାଯ୍ୟ କରିପାରିବି ନାହିଁ। ତୁମେ ଯଦି ସବୁ ଜିନିଷକୁ ସୁଚାରୁରୂପେ ସଂପାଦନ କରିପାରିବ ବୋଲି ଭାବୁଛ ତେବେ ମୋର କୌଣସି ଆପତ୍ତି ନାହିଁ।' କିନ୍ତୁ ଘରସଂସାର କରି ସମସ୍ତ ଦାୟିତ୍ୱ ତୁଲେଇ ଚାକିରି କରିବା ମୋ ପକ୍ଷେ ସମ୍ଭବପର ହୋଇ ନଥିଲା। ହେଲେ ମଝିରେ ମଝିରେ ମୋ ଭିତରେ ଜାକିମାଡି ହୋଇ ଶୋଇଥିବା ସ୍ୱପ୍ନଟି ମୋତେ ଅସ୍ତବ୍ୟସ୍ତ କରୁଥିଲା। ତେଣୁ ମୋ ପୁଅଝିଅଙ୍କୁ ପଢେଇବା ସହିତ ବିନା ପଇସାରେ ଅନ୍ୟମାନଙ୍କୁ ମଧ୍ୟ ପଢାଉଥିଲି। ଶେଷରେ ଦିନେ ଭଗବାନ ସୁଯୋଗଟିଏ ଦେଲେ ୨୦୦୯ ମସିହାରେ। ସେତେବେଳକୁ ଶାଶୁ ଶ୍ୱଶୁରଙ୍କର ଦେହାନ୍ତ ହୋଇସାରିଥିଲା। ପିଲା ଦୁହେଁ ମଧ୍ୟ ବଡ଼ ହୋଇଯାଇଥିଲେ। ଯେହେତୁ ମୁଁ ପଢେଇବାକୁ ଭଲ ପାଉଥିଲି ସମୟର ସଦୁପଯୋଗ କରି ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସେଣ୍ଟ ଜାଭିୟର୍ସ ସ୍କୁଲରେ ଶିକ୍ଷୟିତ୍ରୀ ରୂପେ ଯୋଗଦେଲି। ମୋ ପରିବାର ମୋତେ ଦୃଢ଼ ଭାବରେ ସମର୍ଥନ କଲେ। ଗୋଟିଏ ସ୍ୱତନ୍ତ୍ର ପରିବେଶରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପିଲାମାନଙ୍କ ଗହଣରେ ସମୟ ବିତେଇ ଖୁବ୍ ଆତ୍ମସନ୍ତୋଷ ପାଉଥିଲି। ମାସ ଶେଷରେ ସ୍କୁଲ କର୍ତ୍ତୃପକ୍ଷ ଯେତେବେଳେ ଚେକ୍‌ଟିଏ ଧରେଇଦେଲେ ଖୁସିରେ ମୋ ମନ କୁରୁଳି ଉଠିଲା। ପ୍ରଥମ ଉପାର୍ଜନ ମୋ ମନରେ ଆତ୍ମ ପ୍ରତ୍ୟୟ ସୃଷ୍ଟି କରିଥିଲା। ମୁଁ ଚେକ୍ ଭଙ୍ଗେଇ ଟଙ୍କା ଆଣିବା ପରେ ପ୍ରଥମେ ଠାକୁରଙ୍କ ପାଇଁ କିଛି ଟଙ୍କା ରଖିଥିଲି। ତା'ପରେ ମୋ ବୋଉ ପାଇଁ ଗୋଟିଏ ଶାଢ଼ି ଆଣିଥିଲି। ମୁଁ ଯାଉଥିବା ଅନାଥ ଆଶ୍ରମରେ ପିଲାମାନଙ୍କୁ ମିଠା ବାଣ୍ଟିବା ସହିତ ଗୋଟିଏ ଗୋଟିଏ କଲମ ଦେଇଥିଲି। ପୁଅ, ଝିଅ, ପୁତୁରା ଓ ମୋତେ ନେବାଆଣିବା କରୁଥିବା ଡ୍ରାଇଭରଙ୍କୁ ମଧ୍ୟ ଖୁସିରେ ଖର୍ଚ୍ଚ କରିବାକୁ କିଛି ଟଙ୍କା ଦେଇଥିଲି। ମୋ ଦରମା ଆଶାନୁରୂପ ନଥିଲା। କିନ୍ତୁ ଏତେ ବର୍ଷ ପରେ ମୋ ସ୍ୱପ୍ନ ପୂରଣ ହେଲା ଓ ମୁଁ ଉପାର୍ଜନକ୍ଷମ ହୋଇ ପାରିଲି ଏହା ମୋତେ ବହୁତ ଖୁସି ଦେଇଥିଲା। ଏଥର ନିଜ ରୋଜଗାରରେ ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବି ଏମିତି ଭାବନାଟିଏ ଧୀରେ ଧୀରେ ମୋ ଭିତରେ ଦୃଢ଼ ହେଉଥିଲା।

ପ୍ରଥମ ରୋଜଗାର



ସାହିତ୍ୟିକା **ସସ୍ମିତା ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଇସାରାରୁ ହୁଏ ପ୍ରେମର ସୃଷ୍ଟି ସାଥୀ ମିଳିଗଲେ ସବୁ ଟେଷ୍ଟି

**ପ୍ରଶ୍ନ**–ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ? –*ବିକ୍ରମ, କଟକ*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ଗୋଟିଏ କଥା, ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। କ'ଣ କରିବି ? –*ରାଜେନ୍ଦ୍ର କୁମାର, ଖୋର୍ଦ୍ଧା*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ତେଣୁ ସେପରି ପ୍ରେମର ଦି ଏଣ୍ଡ୍ ହୋଇଯାଇଛି ବୋଲି ଧରି ନେଲେ କ୍ଷତି କ'ଣ ? ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ହେଲେ ନୂଆ ପ୍ରେମ ସୁରୁ କରିବା ପୂର୍ବରୁ ପୁରୁଣା ପ୍ରେମକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ମନ ଭିତରେ ଧୁକୁ ଧୁକୁ ହୋଇ ଜଳୁଥିବା ସେହି ପ୍ରେମର ନିଆଁ ହୁଏତ ଦିନେ ଆପଣଙ୍କ ନୂଆ ପ୍ରେମକୁ ପୋଡି ଛାରଖାର କରିଦେଇପାରେ।




**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି। କ'ଣ କରିବି ? –*ବ୍ରଜକିଶୋର ନାୟକ, ରାଉରକେଲା*

**ଉତ୍ତର:** କଥାଟା ଯଦି ଏତେବାଟ ଆଗେଇ ଗଲାଣି ତେବେ ବିଳମ୍ବ କଲେ କିଛି ଲାଭ ନାହିଁ। କାରଣ ଏହି କଥାକୁ ନେଇ ଯେତେ ଭାବିବେ ଆପଣଙ୍କ ମନରେ ସେତିକି ନୂଆ ପ୍ରଶ୍ନ ସୃଷ୍ଟି ହେବ। ତେଣୁ ଶୁଭସ୍ୟ ଶୀଘ୍ରମ। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ପ୍ଲାନ ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ 'ଇସାରାରୁ ହୁଏ ପ୍ରେମର ସୃଷ୍ଟି , ସାଥୀ ମିଳିଗଲେ ସବୁ ଟେଷ୍ଟି।' ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ବାସ୍, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ? –*ସତ୍ୟଜିତ୍, ବ୍ରହ୍ମପୁର*

**ଉତ୍ତର:** ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢୁଛି। ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି। ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା। ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ। ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁନର୍ବାର ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ? ଆଉ ଗୋଟିଏ କଥା। ତାକୁ ଦେଖିଲେ ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା। ହେଲେ ପୁଣି ଥରେ ଯଦି ସେ ଚଢ଼େଇ ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ହେଲେ ଦିନ ପରେ ଦିନ ଗଡି ଚାଲିଛି। ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି। ସେହି ଚାନ୍ଦିନୀ ରାତି ଅଛି ହେଲେ ମୋ ମନର ସାଥୀ ନାହିଁ। କ'ଣ କରିବି ? –*ପ୍ରଭା ନାୟକ, କଟକ*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ। ସମୟ ତା' ବାଟରେ ଗଡି ଚାଲିଛି, ପ୍ରତୀକ୍ଷାର ଅନ୍ତ ହେଉନାହିଁ କି ଆପଣଙ୍କ ମନର ମାନସୀ ଆସୁନାହିଁ। ସତରେ, ବଡ ପ୍ୟାଥେଟିକ୍ ! ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି। ହେଲେ ସବୁ ଅପେକ୍ଷାର ସୀମା ଥାଏ। ହୁଏତ ଏମିତି ବି ହୋଇପାରେ ସେ ଆଉ କାହା ମନରେ ଘର କରି ସାରିଲାଣି। କଥାରେ ଅଛି– ଅପେକ୍ଷାର ଫଳ ମିଠା। ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମରେ ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ।







# ମାଦଳବାଦ୍ୟର ଗାଁ କିରିଙ୍ଗିସେରା

ଓଡ଼ିଶାର ପ୍ରତ୍ୟେକ ଗାଁର ରହିଛି ନିଜସ୍ୱ ଏକ ପରିଚୟ। କେଉଁ ଗାଁ ସ୍ୱଚ୍ଛତା ପାଇଁ ପ୍ରସିଦ୍ଧ ତ କେଉଁ ଗାଁ ତା'ର କଳା କାରୀଗରି ପାଇଁ। ସେମିତି ଏକ ଗାଁ ହେଉଛି ସୁନ୍ଦରଗଡ ଜିଲାର କୁତ୍ରାବ୍ଲକ ଅନ୍ତର୍ଗତ କିରିଙ୍ଗିସେରା ; ଯିଏ କି ବାଦ୍ୟଯନ୍ତ୍ର ପ୍ରସ୍ତୁତି ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହି ଗାଁରେ ପ୍ରସ୍ତୁତ ହେଉଛି ମାଦଳବାଦ୍ୟ। ମାଦଳ ହେଉଛି ଏମିତି ଏକ ବାଦ୍ୟ, ଯାହା ଆଦୀବାସୀ ଜନଜାତିର ସାଂସ୍କୃତିକ ପରମ୍ପରାରେ ବେଶ ଗୁରୁତ୍ୱ ରଖେ। ଯେତେବେଳେ ଆଦିବାସୀ ପଲ୍ଲୀର ଡଙ୍ଗର ତଳେତଳେ ଲୁଚିଯାଆନ୍ତି ସୂର୍ଯ୍ୟ, ସେତିକିବେଳେ କର୍ମକ୍ଳାନ୍ତ ଜୀବନକୁ ସହଜ କରିବା ପାଇଁ ଆଦିବାସୀମାନଙ୍କ ପଲ୍ଲୀରେ ବାଜିଉଠେ ମାଦଳ । ମାଦଳବାଦ୍ୟର ଆକର୍ଷଣରେ ବିଭୋର ହୋଇ ସମସ୍ତେ ଛୁଟି ଆସନ୍ତି ଏକ ନିର୍ଦ୍ଦିଷ୍ଟ ଜାଗାକୁ । ନିସ୍ତବ୍ଧ ବନଭୂଇଁରେ ମାଦଳର ସୁମଧୁର ସ୍ୱର ସୃଷ୍ଟିକରେ ଝଙ୍କାର । ଆଦିବାସୀ ତରୁଣ ତରୁଣୀଙ୍କ ମନରେ ସୃଷ୍ଟି ହୁଏ ଶିହରଣ । ଏହି ମାଦଳବାଦ୍ୟର ତାଳେ ତାଳେ ଆଦିବାସୀଙ୍କ ଛନ୍ଦ ପାଦର ନୃତ୍ୟରେ ସୃଷ୍ଟି କରେ ନିଆରାଭାବ। ମନହୁଏ ଅଧୀର । କର୍ମକ୍ଳାନ୍ତ ଶରୀରର ଥକାପଣକୁ ଦୂର କରେ ମାଦଳର ସୁମଧୁର ଧ୍ୱନୀ । ଏହି ମାଦଳବାଦ୍ୟ କେବଳ ଆଦିବାସୀ ଜନଜାତିଙ୍କ ଙ୍କ ଅବସର ବିନୋଦନର ମାଧମ ନୁହେଁ, ଏହା ତାଙ୍କ ସାଂସ୍କୃତିକ ପରମ୍ପରା ସହିତ ଓତପ୍ରୋତଃ ଭାବରେ ଜଡିତ ; ଯାହା ତାଙ୍କ ଲୋକନୃତ୍ୟ, ଲୋକସଂଗୀତକୁ କରିଥାଏ ସମୃଦ୍ଧ।

ଏହି ମାଦଳବାଦ୍ୟର ଗାଁ ଭାବେ ପ୍ରସିଦ୍ଧି ଲାଭ କରିଛି ସୁନ୍ଦରଗଡ ଜିଲାର କୁତ୍ରାବ୍ଲକ ଅନ୍ତର୍ଗତ କିରିଙ୍ଗିସେରା ଗ୍ରାମ ; ଯେଉଁଠି ପ୍ରାୟ ୫୦ରୁ ୬୦ଟି ପରିବାର ଦେଶୀୟ ଶୈଳିରେ ମାଦଳ ବାଦ୍ୟ ଓ ଅନ୍ୟାନ୍ୟ ବାଦ୍ୟ ତିଆରି କରି ଜୀବିକା ନିର୍ବାହ କରିଥାନ୍ତି। ଏହି ଗାଁର(ଘାସି)ସଂପ୍ରଦାୟର କାରିଗରମାନେ ପିଢି ପରେ ପିଢି ଏହି କାର୍ଯ୍ୟ କରିଆସୁଛନ୍ତି । ଏମାନେ ମାଦଳ ସହିତ ମୃଦଙ୍ଗ, କିଶାନ ବାଜା, ନେଗେଡା (ବଡବାଦ୍ୟ) ଆଦି ବାଦ୍ୟ ଉପକରଣ ତିଆରି କରି ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଯେଉଁ ବାଦ୍ୟଯନ୍ତ୍ରର ଦୁଇ କିମ୍ବା ଏକ ପାଖରେ ଚମଡ଼ାର ଆବରଣ କରାଯାଇ ହାତ କିମ୍ବା ବାଡ଼ି ସାହାଯ୍ୟରେ ବଜାଯାଏ, ତାହାକୁ ଅବନଦ୍ଧ କୁହାଯାଏ। ଯଥା– ମୃଦଙ୍ଗ, ଢୋଲ, ମର୍ଦ୍ଦଳ, ଚାଙ୍ଗୁ। ଏହି ବାଦ୍ୟଗୁଡିକ ତିଆରିରେ ବ୍ୟବହୃତ ସମସ୍ତ ସାମଗ୍ରୀ ଚମଡା, କାଠର ଗଣ୍ଡି, ରଂଗ, ଫୋମ୍, କିରଣ, ମୋଟା ଟିଣ ପ୍ରଭୃତିକୁ ଏହି କାରିଗରମାନେ ଝାଡଖଣ୍ଡର ଗୁମଲା ବଜାରରୁ ଆଣିଥାଆନ୍ତି । ମାଦଳର ବିକ୍ରୟ ମୂଲ୍ୟ ତିନି ହଜାରରୁ ସାଢେ ତିନିହଜାର ଟଙ୍କା ହୋଇଥିବା ବେଳେ ନେଗେଡା (ବଡବାଦ୍ୟ) ଦଶହଜାର ଟଙ୍କା ହୋଇଥାଏ । ଏହି ବାଦ୍ୟଗୁଡିକ ତିଆରିରେ ଘାସି ସଂପ୍ରଦାୟର ପରିବାର ସଦସ୍ୟ କାର୍ଯ୍ୟ କରିଥାନ୍ତି। ଏହି କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ଅଧିକ। ସେମାନେ ଏହି ବାଦ୍ୟର କିରଣକୁ ଘସିଘସି ଚିକ୍କଣ କରିଥାନ୍ତି। ଏହି ବାଦ୍ୟଯନ୍ତ୍ର ତିଆରି କରି ସେମାନେ ନିଜର କୌଳିକ ବୃତ୍ତିକୁ ପିଢି ପରେ ପିଢି ବଜାୟ ରଖିଛନ୍ତି। ମାତ୍ର ଆଜିକାଲି ଏହି ପରମ୍ପରାଗତ ବୃତ୍ତି ସଙ୍କଟରେ ।

ଏ ସମ୍ପର୍କରେ ବାଦ୍ୟ ତିଆରି କରୁଥିବା କିରିଙ୍ଗିସେରା ଗ୍ରାମର ବର୍ଷୀୟାନ ମାଦଳବାଦ୍ୟ କାରିଗର ପହଲ ନାଏକ କୁହନ୍ତି, ଆମ ବାପ ଅଜା ଅମଳରୁ ଆମେ ଏହି କାମ କରିଆସୁଛୁ । ଏହି ବାଦ୍ୟଗୁଡିକ ତିଆରିରେ ନିୟୋଜିତ ପରିବାରଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରୋତ୍ସାହନ ମିଳିପାରିନାହିଁ। ସେହିପରି ମୂଲ ନାଏକ କୁହନ୍ତି, ଆମ ଅଂଚଳରେ ଏହି ବାଦ୍ୟ ଗୁଡିକର ଆଦର ରହିଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ ଆଦି ସାମାଜିକ ଉତ୍ସବରେ ଏହି ବାଦ୍ୟର ତାଳେ ତାଳେ ନାଚଗୀତରେ ଲୋକେ ଝୁମି ଉଠନ୍ତି । କିନ୍ତୁ ଆବଶ୍ୟକୀୟ ସରକାରୀ ପ୍ରୋତ୍ସାହନର ଅଭାବ ଓ ବଜାର ନଥିବାରୁ କାରିଗରମାନେ ଗାଁ ଗାଁ ବୁଲି ଏହି ବାଦ୍ୟଯନ୍ତ୍ରକୁ ବିକ୍ରୀ କରିଥାନ୍ତି । ପଡୋଶୀ ଝାଡଖଣ୍ଡ ରାଜ୍ୟର ସିମଡେଗାର ଗାନ୍ଧୀ ମେଳାରେ ଏହି ମାଦଳ ଓ ନେଗେଡା (ବଡବାଦ୍ୟ) କୁ ନେଇ ବିକ୍ରୀ ପାଇଁ ଯାଇଥାନ୍ତି। । କିନ୍ତୁ ସୁନ୍ଦରଗଡ ଜିଲାରେ ଏହି ଦେଶୀ ବାଦ୍ୟଯନ୍ତ୍ର ବିକ୍ରି ପାଇଁ ସେମିତି ସ୍ୱତନ୍ତ୍ର ବଜାର ହୋଇନାହିଁ । ଜିଲା ପ୍ରଶାସନଙ୍କ ଜରିଆରେ ବାଦ୍ୟଯନ୍ତ୍ରର ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ପାଇଁ ଦୋକାନ ଗୃହ ଓ ଋଣ ସହାୟତା ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ଯାହାଦ୍ୱାରା ଏହି ବାଦ୍ୟଯନ୍ତ୍ରର ଅଧିକ ବିକ୍ରୟ ସୁବିଧା ହୋଇପାରିବ । ମାତ୍ର ଏହି ଜିଲାରେ ଏମିତି ପରମ୍ପରାଗତ ବାଦ୍ୟ ତିଆରି ବୃତ୍ତିକୁ ବଂଚାଇ ରଖିବା ପାଇଁ ନୂତନ ପିଢି ତଥା ଯୁବ ଓ ମହିଳା ଗୋଷ୍ଠୀଙ୍କୁ ଉପଯୁକ୍ତ ତାଲିମ ଦେବାର ଆବଶ୍ୟକତା ରହିଛି। କେବଳ ଜିଲାର କିରିଙ୍ଗିସେରା ନୁହେଁ ବରଂ କୁତ୍ରା ବ୍ଲକର ତେଲିଘଣା, ଜୋରାମୁଣ୍ଡା, ଖଟକୁର ବାହାଲ ଗ୍ରାମରେ ବସବାସ କରୁଥିବା ଅନେକ ଆଦିବାସୀ ପରିବାରର କାରିଗରମାନେ ବାଦ୍ୟ ତିଆରି କଳା ଭଳି କୌଳିକ ବୃତ୍ତିକୁ ଆପଣେଇ ନିଜର ଜୀବିକା ନିର୍ବାହ କରିଆସୁଛନ୍ତି। ତେବେ ମାଦଳ ଅବନଦ୍ଧ ଲୋକବାଦ୍ୟ ରୂପେ ପରିଚିତ। ଓଡ଼ିଶାର ଅନେକ ସ୍ଥାନରେ ଏହି ବାଦ୍ୟ ତିଆରି କାରିଗର ରହିଥିବା ବେଳେ କିରିଙ୍ଗିସେରା ଗ୍ରାମ ମାଦଳବାଦ୍ୟ କାରିଗରଙ୍କ ପାଇଁ ନିଆରା ପରିଚୟ ପାଇଛି।

**–ଜୟ ନାରାୟଣ ମେଣ୍ଡୁଲି**









ଜୁଲି

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଗୁଣ

ବୟଫ୍ରେଣ୍ଡ: ମୁଁ ଏମିତି ଗୋଟେ ଝିଅକୁ ବାହା ହେବାକୁ ଚାହୁଁଛି, ଯିଏ ସଜବାଜ ହୋଇ ରହୁଥିବ, ପରିଶ୍ରମୀ ଓ ଆଜ୍ଞାକାରୀ ହୋଇଥିବ, ଘରକୁ ବି ଭଲରେ ସଜାଡ଼ିକି ରଖୁଥିବ ।
ଗର୍ଲଫ୍ରେଣ୍ଡ: ତା'ହେଲେ ତୁ ଆମ ଘରକୁ ଆସି ଯା', କାରଣ ଏସବୁ ଗୁଣ ଆମ ଘରର ଚାକରାଣୀ ପାଖରେ ଅଛି ।

### ମଜା

ପତି (ପତ୍ନୀଙ୍କୁ ଫୋନ୍‌ରେ): ତୁମେ ଖୁବ୍ ସୁନ୍ଦର !
ପତ୍ନୀ: ଥ୍ୟାଙ୍କ୍ ୟୁ !
ପତି: ତୁମେ ଦେଖିବାକୁ ରାଜକୁମାରୀ ପରି ଲାଗ !
ପତ୍ନୀ: ଥ୍ୟାଙ୍କ୍ ୟୁ ସୋ ମଚ୍ ! ଏବେ କୁହ ତୁମେ କ'ଣ କରୁଛ ?
ପତି: କିଛି ନାହିଁ, ଖାଲିରେ ଏମିତି ବସିଥିଲି ତ, ଭାବିଲି ତମ ସହିତ ଟିକେ ମଜା କରିଦେବି ।

### ମୋଟୀ

ମାଧବୀ: ବୁଝିଲ ସାବିତ୍ରୀ, ମୋ ସ୍ୱାମୀ କହୁଥିଲେ ମୁଁ ବାହାରେ ବେଶି ଖାଇବା ଯୋଗୁ କୁଆଡ଼େ ମୋଟୀ ହୋଇଗଲିଣି ।
ସାବିତ୍ରୀ: ତା'ହେଲେ କ'ଣ ତୁମେ ବାହାର ଖାଇବା ବନ୍ଦ କରି ଦେଇଛ ?
ମାଧବୀ: ହଁ, ପରା ଆଉ ବାହାରେ ନ ଖାଇ ସେଠୁ ଖାଦ୍ୟକୁ ପ୍ୟାକ୍ କରି ଆଣି ଏବେ ଘରେ ଖାଉଛି ।

# ଫୁଲର ଉପତ୍ୟାକା





**ଭ୍ୟାଲି ଅଫ୍ ଫ୍ଲାୱାର୍ସ ହେଉଛି ଉତ୍ତରାଖଣ୍ଡର ଚମୋଲି ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ; ଏହାକୁ ଅନେକେ ଫୁଲର ଉପତ୍ୟାକା ବୋଲି ବି କହିଥାନ୍ତି। କାରଣ ଜୁନ୍‌ରୁ ଅକ୍ଟୋବର ଭିତରେ ଏଠାରେ ସ୍ୱତଃ ନାନା ରଙ୍ଗର ଫୁଲ ଫୁଟି ସମ୍ପୂର୍ଣ୍ଣ ଅଞ୍ଚଳଟି ଫୁଲରେ ଭରିଯାଏ। ଦେଖିଲେ ଲାଗେ ସତେ ଯେମିତି ଉପତ୍ୟାକାକୁ କେହି ଫୁଲରେ ସଜେଇ ଦେଇଛି...**







**ଭ୍ୟା**ଲି ଅଫ୍ ଫ୍ଲାୱାର୍ସ ହେଉଛି ଉତ୍ତରାଖଣ୍ଡର ଚମୋଲି ଜିଲା ଅନ୍ତର୍ଗତ ଏକ ଉପତ୍ୟାକା। କିନ୍ତୁ ଜୁନ୍‌ରୁ ଆରମ୍ଭ କରି ଅକ୍ଟୋବର ଭିତରେ ପ୍ରକୃତି ନିଜ ହାତରେ ଏଠାରେ ଯେଉଁ ଫୁଲର ଗାଲିଚା ବିଛେଇ ଦିଏ ତାହା କାହାର ବି ଆଖିକୁ ଝଲସାଇଦେବ। ସେଥିପାଇଁ ତ ଲୋକମୁଖରେ ଏହା ଫୁଲର ଉପତ୍ୟାକା ଭାବେ ସୁପରିଚିତ। କେବଳ ଫୁଲ ପାଇଁ ନୁହେଁ ଏଠାରେ ଦେଖିବାକୁ ମିଳୁଥିବା କେତେକ ବିରଳ ପଶୁପକ୍ଷୀଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ଶେଷରେ ସରକାର ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କରିଛନ୍ତି; ଯଦ୍ଵାରା ଏହା ଏବେ ଭ୍ୟାଲି ଅଫ୍ ଫ୍ଲାୱାର୍ସ ନ୍ୟାଶନାଲ୍ ପାର୍କ ଭାବେ ଜଣାଯାଉଛି।

**ଉପତ୍ୟାକାର ମୁଖ୍ୟ ଆକର୍ଷଣ**

ଏହି ଉପତ୍ୟାକାର ମୁଖ୍ୟ ଆକର୍ଷଣ ହେଉଛି ଫୁଲ, ଯାହା ମୁଖ୍ୟତଃ ଜୁନ୍‌ରୁ ଅକ୍ଟୋବର ଭିତରେ ଏଠାରେ ଦେଖିବାକୁ ମିଳେ। ଆଉ ଏହି ସମୟରେ ପ୍ରାୟ ୫୦୦ ପ୍ରଜାତିର ଫୁଲ ଦେଖିବାର ସୁଯୋଗ ରହିଥାଏ ଏଠାରେ। କେବଳ ଫୁଲ ନୁହେଁ ଏହି ଉପତ୍ୟାକା ଅଞ୍ଚଳରେ ଏସିଆର କଳା ଭାଲୁ, କସ୍ତୁରୀ ମୃଗ, ସ୍ନୋ ଲିଓପାର୍ଡ, ବ୍ରାଉନ୍ ବିୟର୍, ରେଡ୍ ଫକ୍ସ, ବ୍ଲୁ ଶିପ୍ ଇତ୍ୟାଦି ବିରଳ ପଶୁଙ୍କୁ ଦେଖିବାକୁ ମିଳିଥାଏ। ତା'ଛଡ଼ା ଶହେରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ବି ଏଠାରେ ଦେଖାଯାଇଥାନ୍ତି। ତନ୍ମଧ୍ୟରୁ ହିମାଳୟାନ୍ ମୋନାଲ୍ ହେଉଛି ଅନ୍ୟତମ। ଏସବୁବାଦ୍ ଏହି ଫୁଲର ଉପତ୍ୟାକାରେ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷ ବି ଥିବାର ସୂଚନା ରହିଛି। ଖାସ୍ ଏହି ସବୁକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ତରଫରୁ ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ଦିଆଯିବା ସହ ଏହାର ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି।

**ଆଉ କ'ଣ ଦେଖିବେ:** ଫୁଲର ଉପତ୍ୟାକା ଦେଖିବାକୁ ବୁଲି ଆସୁଥିବା ପର୍ଯ୍ୟଟକ ଚାହିଁଲେ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଅନ୍ୟାନ୍ୟ କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବି ଦେଖିପାରିବେ। ଯେମିତି କି: ଗୁରୁଦ୍ୱାର ହେମକୁଣ୍ଡ ସାହିବ, ଘଙ୍ଗରିଆ(ଗୋବିନ୍ଦ ଧାମ), ଗୌରୀ କୁଣ୍ଡ, ବେଦିନୀ ବୁଗ୍ୟାଲ ନାମକ ଏକ ପାର୍ବତ୍ୟାଞ୍ଚଳ, ବଦ୍ରିନାଥ ମନ୍ଦିର, ଗୋବିନ୍ଦଘାଟ, ଜୋଷିମଠ, ବସୁଧରା ଜଳପ୍ରପାତ, ଭୀମ ପୁଲ୍, ଲକ୍ଷ୍ମଣ ଗଙ୍ଗା ବା ଭୂଇଁଦର୍ ଗଙ୍ଗା, ନନ୍ଦା ଦେବୀ ଜାତୀୟ ଉଦ୍ୟାନ, ନରସିଂହ ମନ୍ଦିର, ପୁଷ୍ପାବତୀ ନଦୀ ଇତ୍ୟାଦି ଅନ୍ୟତମ।

**କେବେ ଓ କେମିତି ଯିବେ:** ଏଠାକୁ ବୁଲିଯିବା ପାଇଁ ଉପଯୁକ୍ତ ସମୟ ହେଉଛି ମେ'ରୁ ଅକ୍ଟୋବର। କାରଣ ତା'ପରେ ଆସିଯାଏ ଶୀତଦିନ। ଶୀତରେ ଏଠି ବହୁତ ବରଫ ପଡ଼େ ଆଉ ରାସ୍ତା ବି ବନ୍ଦ ହୋଇଯାଏ। ମେ'ବେଳକୁ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ଅନୁକୂଳ ହୋଇଯାଇଥାଏ। ତା'ପରେ ଧୀରେ ଧୀରେ ଏଠାରେ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗ ଫୁଲ ସ୍ୱତଃ ଫୁଟିବାକୁ ଆରମ୍ଭ କରେ। କିଛିଦିନ ଭିତରେ ସମ୍ପୂର୍ଣ୍ଣ ଉପତ୍ୟାକା ଅଞ୍ଚଳଟି ଫୁଲରେ ଭରି ବେଶ୍ ଆକର୍ଷଣୀୟ ରୂପ ଧାରଣ କରେ ; ଯାହାକୁ ଦେଖିବାକୁ ପ୍ରତିବର୍ଷ ପର୍ଯ୍ୟଟକଙ୍କର ଏଠି ଭିଡ଼ ଜମେ। ପରିମାଣ କମି ଯାଇଥିଲେ ବି ଅକ୍ଟୋବର ମାସରେ ମଧ୍ୟ ଏଠାକାର କିଛି କିଛି ସ୍ଥାନରେ ଫୁଲ ଦେଖିବାକୁ ମିଳେ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଡେରାଡୁନ୍‌ସ୍ଥିତ ଜୋଲିଗ୍ରାଣ୍ଟ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର ; ଯେଉଁଠାରୁ ଟାଉନ୍ ବସ୍ ହେଉ ଅବା ଟ୍ୟାକ୍ସି ସାହାଯ୍ୟରେ ଗୋବିନ୍ଦଘାଟକୁ ଯାଇହେବ। ଗୋବିନ୍ଦଘାଟ ହେଉଛି ସେହି ସ୍ଥାନ ; ଯେଉଁଠାରୁ ଅଳ୍ପ କିଛି ବାଟ ଟ୍ୟାକ୍ସିରେ ଗଲା ପରେ ପର୍ଯ୍ୟଟକ ଟ୍ରେକିଂ କରି ଏହି ଫୁଲର ଉପତ୍ୟାକାକୁ ବୁଲିବାକୁ ଯାଇଥାନ୍ତି। ସେହିପରି ଋଷିକେଶ ରେଲୱେ ଷ୍ଟେଶନ ହେଉଛି ଉକ୍ତ ଉପତ୍ୟାକାସ୍ଥିତ ନିକଟବର୍ତ୍ତୀ ରେଳଷ୍ଟେଶନ ; ଯେଉଁଠାରୁ ଆରାମରେ ଟାଉନ୍ ବସରେ ବସି ଗୋବିନ୍ଦଘାଟ ଯାଇହେବ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ସାହାଯ୍ୟରେ ଗୋବିନ୍ଦଘାଟରେ ପହଞ୍ଚି ସେଠାରୁ ଫୁଲର ଉପତ୍ୟାକା ଦେଖିବାକୁ ଯାଇପାରିବେ।



# ଲଙ୍କା



**ଖାଦ୍ୟରେ ରାଗ ଅଂଶ ବଢାଇ ତାହାକୁ ସୁସ୍ୱାଦୁ କରିବା ପାଇଁ ଲଙ୍କାକୁ ବ୍ୟବହାର କରାଯାଇଥାଏ। ଲଙ୍କାରେ ଭରି ରହିଥିବା କାପସାଇସିନ୍ ନାମକ ରାସାୟନିକ ତତ୍ତ୍ୱ ପାଇଁ ଏହାକୁ ଖାଇଲେ ଆମକୁ ରାଗ ଲାଗିଥାଏ। ତେବେ ଏହି ଲଙ୍କା ଚାଷ ପ୍ରଥମେ କେଉଁଠି ହୋଇଥିଲା ଆଉ ସବୁଠୁ ରାଗ ଲଙ୍କାର ନାମ କ'ଣ ଜାଣନ୍ତୁ ସେ ସମ୍ପର୍କରେ...**

## ଲଙ୍କାର ଉତ୍ପତ୍ତିକୁ ନେଇ ମତଭେଦ

ଲଙ୍କାର ଉତ୍ପତ୍ତିକୁ ନେଇ ଐତିହାସିକମାନେ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। କେହି କେହି କୁହନ୍ତି, ପୂର୍ବ-ମଧ୍ୟ ମେକ୍ସିକୋରେ ଲଙ୍କାର ଉତ୍ପତ୍ତି ପ୍ରଥମେ ଆରମ୍ଭ ହୋଇଥିଲା। ହେଲେ ୨୦୧୪ରେ ନ୍ୟୁୟର୍କ ବଟାନିକାଲ୍ ଗାର୍ଡେନ ପ୍ରେସ୍‌ର ରିସର୍ଚ୍ଚ ଅନୁଯାୟୀ, ଆମେରିକାର ବିଭିନ୍ନ ସ୍ଥାନ ଏପରିକି ହାଇଲାଣ୍ଡ ବୋଲିଭିଆ, ସେଣ୍ଟ୍ରାଲ୍ ମେକ୍ସିକୋ ତଥା ଆମାଜନ୍ ରେନ୍‌ଫରେଷ୍ଟର କିଛି ସ୍ଥାନରେ ଲଙ୍କା ଚାଷ ପ୍ରଥମେ ହୋଇଥିବାର ସୂଚନା ରହିଛି। ସେହିପରି କେହି କେହି କୁହନ୍ତି, ଶ୍ରୀଲଙ୍କାରୁ ଭାରତକୁ ଲଙ୍କା ଆସିଛି ବୋଲି। ପୁଣି ଆଉ କେହି ବି କୁହନ୍ତି, ପର୍ତ୍ତୁଗୀଜ ନାବିକଙ୍କ ଜରିଆରେ ଭାରତରେ ଲଙ୍କାର ପରିଚୟ ଆରମ୍ଭ ହୋଇଥିଲା। କିନ୍ତୁ ଏକଥାକୁ ମଧ୍ୟ କେତେଜଣ ଖଣ୍ଡନ କରି କହିଥାନ୍ତି, ପର୍ତ୍ତୁଗୀଜ ନାବିକ ଭାରତ ଆସିବା ପୂର୍ବରୁ ଭାରତରେ କ'ଣ କେହି ଲଙ୍କା ଖାଉ ନଥିଲେ। ତେଣୁ ଲଙ୍କାର ଉତ୍ପତ୍ତି କେଉଁଠି ପ୍ରଥମେ ହୋଇଥିଲା ତାହାକୁ ନେଇ ଆଜିଯାଏଁ ବି ଲୋକଙ୍କ ମନରେ ପ୍ରଶ୍ନବାଚୀ ଲାଗି ରହିଛି।



## ଲଙ୍କାର ଉତ୍ପାଦନ କେଉଁଠି ଅଧିକ

ସୂଚନାନୁଯାୟୀ, ଚିନ୍‌ରେ ସବୁଠୁ ଅଧିକ ଲଙ୍କା ଚାଷ କରାଯାଇଥାଏ। ୨୦୨୦ର ରିପୋର୍ଟ ଅନୁଯାୟୀ, ସେହି ବର୍ଷ ବିଶ୍ୱସ୍ତରରେ ପ୍ରାୟ ୩୬ ମିଲିୟନ୍ ଟନ୍ ଲଙ୍କା ଉତ୍ପାଦନ କରାଯାଇଥିଲା, ଯେଉଁଥିରୁ କେବଳ ଚାଇନାର ପ୍ରାୟ ୪୬% ଯୋଗଦାନ ରହିଥିଲା।

## ଘୋଷ୍ଟ ପେପର୍

ସୂଚନାନୁଯାୟୀ, ଉତ୍ତର-ପୂର୍ବ ଭାରତର କେତେକ ସ୍ଥାନରେ ଘୋଷ୍ଟ ପେପର୍ ନାମରେ ଏକ ସ୍ୱତନ୍ତ୍ର ଲଙ୍କା ଚାଷ କରାଯାଇଥାଏ ; ଯାହାକୁ ଦୁନିଆର ସବୁଠୁ ରାଗ ବିଶିଷ୍ଟ ଲଙ୍କା ଭାବେ ୨୦୦୭ରେ ଗିନିଜ୍ ୱାଲ୍ଡ ରେକର୍ଡ୍ସରେ ସ୍ଥାନ ଦିଆଯାଇଛି। ଏହି ଲଙ୍କାକୁ ସ୍ଥାନୀୟ ଭାଷାରେ ଭୁତ୍ ଜୋଲୋକିଆ ବି କୁହାଯାଇଥାଏ। କେବଳ ଭାରତରେ ନୁହେଁ, ଅନ୍ୟ ଦେଶରେ ବି ଅଧିକ ରାଗ ବିଶିଷ୍ଟ କିଛି ସ୍ୱତନ୍ତ୍ର ଲଙ୍କା ଚାଷ କରାଯାଇଥାଏ। ଯେମିତିକି : ଆମେରିକାରେ ପେପର୍ ଏକ୍ସ ଓ କାରୋଲିନା ରିପର୍, ୱେଲ୍ସରେ ଡ୍ରାଗନ୍ସ ବ୍ରେଥ୍, ଇଂଲଣ୍ଡରେ ନାଗା ଭାଇପର୍ ଓ ଇନ୍‌ଫିନିଟି ଚିଲି ଇତ୍ୟାଦି ଅନ୍ୟତମ। ଏସବୁ ହେଉଛି ଗୋଟିଏ ଗୋଟିଏ ରାଗ ଲଙ୍କାର ନାମ।



## ଲଙ୍କାର ଔଷଧୀୟ ଗୁଣ

ଶୁଖିଲା ଲଙ୍କା ତୁଳନାରେ କଞ୍ଚା ଲଙ୍କାରେ ଏମିତି କେତେକ ଗୁଣକାରୀ ଉପାଦନା ଭରି ରହିଛି ; ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ହୋଇଥାଏ। କଞ୍ଚା ଲଙ୍କାରେ ଭିଟାମିନ୍ ସି, ଆଇରନ୍, ପୋଟାସିୟମ୍, ମାଗନେସିୟମ୍ ପରି ପୋଷକ ତତ୍ତ୍ୱ ଥିବାରୁ ଏହାକୁ ଖାଦ୍ୟରେ ସାମିଲ କଲେ, ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହେବାରେ ସାହାଯ୍ୟ ହୋଇଥାଏ। ତା'ଛଡ଼ା ପାଚନ କ୍ଷମତାକୁ ବୃଦ୍ଧି କରିବା, ମଧୁମେହ ସମସ୍ୟାକୁ ରୋକିବା, ଓଜନ କମାଇବା, ରକ୍ତଚାପକୁ ନିୟନ୍ତ୍ରଣ କରିବା, ଆଖିକୁ ସୁସ୍ଥ ରଖିବା, ଚିନ୍ତା ଦୂର କରିବା, ଶରୀରରେ ବ୍ୟାକ୍ଟେରିଆ ସଂକ୍ରମଣକୁ ରୋକିବା, ହାଡ ଓ ଦାନ୍ତକୁ ସୁସ୍ଥ ରଖିବା, କ୍ୟାନସର୍ ସମସ୍ୟାକୁ ରୋକିବା, ମସ୍ତିଷ୍କକୁ ସକ୍ରିୟ କରିବା ତଥା ତ୍ୱଚା ଏବଂ କେଶ ପାଇଁ ମଧ୍ୟ କଞ୍ଚା ଲଙ୍କା ଖାଇବା ବହୁତ ଉପକାରୀ ହୋଇଥାଏ। କେହି କେହି ତ କଞ୍ଚା ଲଙ୍କାକୁ ମୁଡ୍ ବୁଷ୍ଟର ଭାବେ ବି ଖାଦ୍ୟରେ ସାମିଲ କରିଥାନ୍ତି।



# ଗୋଟିଏ ଗଛରେ ଫଳିଛି ତରଭୁଜ, ଖରଭୁଜ



**ଚା**ଇନାର ଫୁୟାଗ୍ ନାମକ ଏକ ସ୍ଥାନର ୪୦ ବର୍ଷୀୟ ଜଣେ କୃଷକ ତରଭୁଜ ଓ ଖରଭୁଜକୁ ମିଶାଇ ଏମିତି ଏକ ଅଜବ ହାଇବ୍ରିଡ୍ ଫ୍ରୁଟ୍ ତିଆରି କରିଛନ୍ତି, ଯାହାର ଫଟୋ ସୋସିଆଲ ମିଡିଆରେ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଦେଖାଯାଉଛି ଯେ, ଖରଭୁଜ ଉପରେ ତରଭୁଜଟି ଫଳିଛି। ମିଷ୍ଟର ଏ ନାମରେ ପରିଚିତ ଏହି କୃଷକ ଜଣକ ନିକଟରେ ଚାଇନାର ଏକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଇଣ୍ଟରଭ୍ୟୁ ଦେଇ କହିଛନ୍ତି, ''ୟା' ପୂର୍ବରୁ ମୁଁ ଅନେକ ଥର ଖରଭୁଜର ମଞ୍ଜିକୁ ତରଭୁଜ ମଞ୍ଜିରେ ଟ୍ରାନ୍ସପ୍ଲାଣ୍ଟ କରିବାକୁ ଯାଇ ବିଫଳ ହୋଇଛି। କିନ୍ତୁ ଏଥର ସୌଭାଗ୍ୟକୁ ସେଥିରେ ସଫଳତା ମିଳିବାରୁ ଏହି ହାଇବ୍ରିଡ୍ ଫ୍ରୁଟ୍ ତିଆରି କରିବାରେ ସକ୍ଷମ ହୋଇପାରିଛି। ଏହି ଫଳର ବିଶେଷତ୍ୱ ହେଉଛି ଗ୍ରାହକ ଏହାକୁ କିଣି ଏକକାଳୀନ ତରଭୁଜ ଓ ଖରଭୁଜର ସ୍ୱାଦ ଚାଖିପାରିବେ। କିନ୍ତୁ ସୋସିଆଲ ମିଡିଆରେ ଏବେ ଯେଉଁ ଫଳର ଫଟୋ ଭାଇରାଲ୍ ହେଉଛି, ତାହା ଦେଖିବାକୁ ସାଇଜ୍‌ରେ ଟିକେ ଛୋଟ । କିନ୍ତୁ ଏହି ଫଳ ଆହୁରି ବଡ଼ ହେବ। ତା'ସହ ଏବେ ମୋ ବଗିଚାରେ ଏହି ଫଳରୁ ଯେତୋଟି ଫଳିଛି, ତନ୍ମଧ୍ୟରୁ ଅଳ୍ପ କିଛି ଅଧା ତରଭୁଜ ଓ ଅଧା ଖରଭୁଜ ହୋଇଥିବା ବେଳେ ଅବଶିଷ୍ଟରେ ୧୦% ତରଭୁଜ ଓ ୯୦% ଖରଭୁଜ ରହିଛି। ତେଣୁ ଏହାକୁ ଅଧିକ ସଫଳ କରିବା ପାଇଁ ମୋତେ ଆଗକୁ ଆହୁରି ରିସର୍ଚ୍ଚ କରିବାକୁ ପଡ଼ିବ।''

# ଆଇ ❤ ଇଣ୍ଡିଆ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଗତମାସରେ କିଛି କାମ ନେଇ ଗୋଟେ ସରକାରୀ ସଂସ୍ଥାକୁ ଯାଇଥିଲି । ଦିନ ସାଢେ ଦଶ ସୁଦ୍ଧା ଅଫିସରେ ପହଞ୍ଚି ସାରିଥିଲେ ବି ମୁଁ ଦେଖା କରିବାକୁ ଚାହୁଁଥିବା ଅଧିକାରୀ ଜଣଙ୍କ ସାଢେ ବାରଟାରେ ଆସି ପହଞ୍ଚିଲେ । ନିଜ ଚଉକିରେ ବସିଲା ପରେ କଥା ଆରମ୍ଭ କଲେ, ବୁଝିଲେ ସାହୁ ବାବୁ ଏବେ ଯେଉଁଭଳି ଗରମ ପଡ଼ିଲାଣି ମଣିଷ ଆଗକୁ ପୋକ ମାଛି ଭଳି ସବୁ ମରିବେ। ପାପ ଯେତିକି ବଢିଲାଣି ଧରିତ୍ରୀ ଆଉ କେତେ ବୋଝ ସମ୍ଭାଳିବ। ମୁଁ ତାଙ୍କ କଥାକୁ ମୁଣ୍ଡ ହଲେଇ ସମର୍ଥନ କଲି। ପିଅନ ବାବୁଙ୍କ ଲାଗି ଚା' ଆଣି ଥୋଇଲା। ବାବୁ ଚା' ଗ୍ଲାସରୁ ପ୍ରଥମ ଚୁସୁକି ନେଇ ପୁଣି ଆରମ୍ଭ କଲେ– କେବେ ଶୁଣିଥିଲେ ଶ୍ରୀମନ୍ଦିର ଉପରେ ଚିଲ ଉଡିବାର ? ବଡ଼ ଦେଉଳରୁ ଗୋଟେ ବିରାଟ ପଥର ଖସିଛି ! ଦେଶର ସବୁ ନାମଜାଦା ବୈଜ୍ଞାନିକମାନେ ପୂରା ଦେଉଳ ଅଣ୍ଡାଳି ସାରିଲେଣି କେଉଁ ଜାଗାରୁ ଏତେବଡ଼ ପଥର ଖସିଲା କେହି ଜାଣିପାରୁନାହାନ୍ତି । ମାଳିକା କହିଛି ପରା ଶୂନ୍ୟରୁ ପଥର ଖସିବ। କାଳିଆର ମହାତ୍ମା ଜାଣ ଭକ୍ତଙ୍କ ଗହଳିରେ ଦେଉଳ ଭର୍ତ୍ତି, ହେଲେ ପଥର କାହା ଉପରେ ପଡିନି । ଯଦିଓ ମନ୍ଦିରରୁ ପଥର ଖସିବା ପଛରେ ମୋର କୌଣସି ହାତ ନାହିଁ ତଥାପି ଦୋଷୀ ଭଳି ମୁହଁ ଶୁଖେଇ କହିଲି 'ଆଜ୍ଞା ଠିକ କହିଲେ ଦୁନିଆରେ ସେହି ଏକା ସତ୍ୟ ବାକି ସବୁ ମିଥ୍ୟା।'

ମୋ କଥାରେ ବାବୁ ଟିକେ ସହଜ ହେଇ ବସିଲେ ଓ ପଚାରିଲେ 'ଆଉ କୁଆଡେ ଆସିଲେ।' ମୁଁ ଦାନ୍ତ ନେଫେଡ଼ି କହିଲି– 'ଆଜ୍ଞା ମାସେ ହେଲା ଦୌଡୁଛି। ଆପଣ ତ ସବୁ ଜାଣନ୍ତି ପୁଣି ପଚାରୁଛନ୍ତି କେମିତି ଯେ !'– ହଁ ଯେ ହେଲେ ସେ କାମ କ'ଣ ଏତେ ସହଜ। ବହୁତ ରିସ୍କ କାମ। ଆପଣଙ୍କ ଫାଇଲକୁ ସାର୍ ନିଜେ ରଖିଛନ୍ତି। ମୋତେ ଦୁଇଥର କହିଲେଣି ଆଗ ପାର୍ଟିକୁ ଡାକ କଥା ହେବା। ମୁଁ ବୋଲି ତାଙ୍କୁ ବାହାନା ଦେଖେଇ କଥାକୁ ଟାଳି ଦେଉଛି। ଜାଣିଲେ, ଲୋକଟା ଜନ୍ମରୁ ଭୁଖା। ପୂରା କମ୍ପାନୀକୁ ଖୋଳ କରିସାରିଲାଣି । ଆପଣଙ୍କ ପ୍ୟାଣ୍ଟ ସାର୍ଟ ବି ଛାଡିବନି। ସବୁ ଉତାରି ନେବ।'– ଜାଣିଛି ସେଇଥିପାଇଁ ତ ଆପଣଙ୍କ ପାଖରେ ଅଧିଆ ପଡିଛି। ଏ କାମ ଆପଣଙ୍କ ଛଡ଼ା ଆଉ କେହି କରିପାରିବନି। ଆପଣ ଚାହିଁଲେ ମୋତେ ବଡ଼ ସାହାଯ୍ୟଟିଏ ହେବ। ବାବୁ ମୁରୁକି ହସି କହିଲେ, 'ଠିକ ଅଛି ଦୁଇ ତିନି ଦିନ ଛାଡି ଆସନ୍ତୁ ମୁଁ ଦେଖୁଛି କଣ କରିପାରିବି।' ଅଗତ୍ୟା ଅନ୍ୟୋପାୟ ହେଇ ସେଦିନ ଫେରିଲି । ପୁଣି ତିନିଦିନ ଛାଡି ବାବୁଙ୍କୁ ଦେଖା କରିବାକୁ ଗଲି । ଏଥର ବାବୁ ଭାରି ଚିନ୍ତାରେ ଥିଲା ଭଳି ଲାଗୁଥିଲେ। ମୋତେ ଦେଖି କହିଲେ, ଆଜି ଆପଣ ଯାଆନ୍ତୁ ମନ ଆଦୌ ଭଲ ନାହିଁ । ମୁଁ ବି ବ୍ୟସ୍ତତା ଦେଖେଇ ପଚାରିଲି, କଣ ହେଲା ? କଷ୍ଟରେ ଯଥାସମ୍ଭବ ଉଦବେଗ ରଖି କହିଲେ–ଚାଇନା କଥା ଦେଖନ୍ତୁ । ଆମ ଦେଶ ଭିତରେ ପଶି କହୁଛି ସେଇଟା କାଳେ ତାଙ୍କର। ଶଃ ...ତାଙ୍କୁ ଖାଲି ମାଡ଼ ଦରକାର ବୁଝିଲେ। ସେପଟେ ପାକିସ୍ତାନ ଏପଟେ ଚାଇନା ଏ ଦି'ଟା ମାଡୁଆଙ୍କୁ ଯେତେ ପିଟୁଥିବ ସେତିକି ଶାନ୍ତ ହେଇଥିବେ, ଟିକେ ଢିଲା ଛାଡିଦେଲେ ଏମାନେ ପୂରା ବାହା ଗିଳିଦେବେ। ବଡ଼ବଡ଼ିଆ ନେତାଙ୍କ ଟିକକେ ଭୁଲ ଯୋଗୁଁ ଆମେ ଏଯାଏଁ ଚୁପ ହେଇ ବସିଛୁ ନଚେତ କେବେଠୁ ମାନଚିତ୍ରରେ ଏମାନଙ୍କ ନାମୋ ନିଶାନ୍ ମିଟି ଯାଆନ୍ତାଣି। କହିବା ଭିତରେ ମୁଁ ସ୍ପଷ୍ଟ ଦେଖିପାରୁଥିଲି ବାବୁ ଦେଶଭକ୍ତିରେ ପୂରା ଗଦ୍‌ଗଦ। ତାଙ୍କ କଥା ଶୁଣି ଲାଗୁଥିଲା ଯେମିତି ସେ ଏବେ ଖାଲି ହାତରେ ଚାଇନା ଭିତରେ ପଶି ଜିଙ୍ଗପିଙ୍ଗର କଲର ଧରି ଦିଲ୍ଲୀ ନେଇଆସିବେ। ଖାଲି ପ୍ରଧାନମନ୍ତ୍ରୀ ତାଙ୍କୁ ମା' ରାଣ ପକେଇଛନ୍ତି ବୋଲି ଅସହାୟ ଭାବେ ସେ ଏଇଠି ବସିଛନ୍ତି। କିଛି ସମୟ ପରେ ବାବୁ ପ୍ରକୃତିସ୍ଥ ହେଲେ। ପକେଟରୁ ଫୋନ ବାହାରକରି କହିଲେ ହେଇ ଦେଖନ୍ତୁ ଫେସବୁକ୍‌ରେ ମୋର ଦେଶକୁ ନେଇ ଗୋଟେ ଜବରଦସ୍ତ ଲେଖା। ଆପଣ ଆମ 'ଦେଶ ରକ୍ଷକ' ଗ୍ରୁପରେ ମିଶନ୍ତୁ। ଆପଣଙ୍କ ଭଳି ଅନେକ




ଯୁବଲେଖକ ଆମ ମହାନ୍ ଧର୍ମ ଓ ଦେଶ ଉପରେ କେତେ ସୁନ୍ଦର ସୁନ୍ଦର ପୋଷ୍ଟ ସବୁ କରୁଛନ୍ତି। କାହା ପାଖରେ ଚାକିରୀ ନାହିଁ ତ କାହା ପାଖରେ ଶିକ୍ଷା ନାହିଁ । କାହା ପାଖରେ ରୋଜଗାର ନାହିଁ ତ କାହା ପାଖରେ ଖାଇବାକୁ ନାହିଁ ଅଥଚ ସେଥିପ୍ରତି ସେମାନଙ୍କ ଚିନ୍ତା ନାହିଁ। ଆମ ଦେଶ, ଆମ ସଂସ୍କୃତି ଓ ଧର୍ମ ସଙ୍କଟରେ ଥିଲା ବେଳେ ଆପଣ ସେ ବ୍ୟଙ୍ଗ ଫେଙ୍ଗ ଲେଖାରେ ସମୟ ନଷ୍ଟ ନକରି ଦେଶପ୍ରେମକୁ ଆଧାର କରି କିଛି ଲେଖନ୍ତୁ ।'

ମୁଁ ବି ଲକ୍ଷ୍ୟ କରିଆସୁଛି କେଇ ବର୍ଷହେଲା ଲୋକମାନଙ୍କ ଭିତରେ ଦେଶଭକ୍ତିର ଯେଉଁ ଅଭୂତପୂର୍ବ ଜୁଆର ଆସିଛି ତାହା ମୋ ହେତୁ ପାଇଲା ଦିନୁ କେବେ ଦେଖିନଥିଲି । ଜୀବନ ବ୍ୟାପି କୀଳାପୋତେଇ କରି ରାଜଧାନୀରେ ତିନି ତିନିଟା ରାଜମହଲ ଗଢିଥିବା ଲୋକ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦେଶପ୍ରେମର ଏମିତି ରଚନା ଲେଖୁଛନ୍ତି ଯେ ତାକୁ ପଢି ଟିକେ ବି ଆତ୍ମସମ୍ମାନ ବାକି ଥିବା ଦେଶଦ୍ରୋହୀ ଲୋକଟିଏ ଆତ୍ମହତ୍ୟା କରିଦେବା ଥୟ। ମୋତେ ଟିକେ ଅନ୍ୟମନସ୍କ ହେବା ଦେଖି ବାବୁ କହିଲେ, 'ଆପଣ ଆଉ ଦିନେ ଆସନ୍ତୁ ଆଜି ମୁଡ଼ ଭଲ ଲାଗୁନି। ନଚେତ ଲଞ୍ଚ ଟାଇମ୍ ପରେ ଆସନ୍ତୁ।' ଏତେ ସମୟ ପର୍ଯ୍ୟନ୍ତ ତାଙ୍କ ଭାବ ବିହ୍ୱଳ ଦେଶଭକ୍ତି କଥାରେ ଚୁପ୍ ଚାପ ମୁଣ୍ଡଟୁଙ୍ଗାରୁଥିବା ବେଳେ ଆଉ ଦିନେ ଆସନ୍ତୁ ଶୁଣି ମୋ ମୁଣ୍ଡକୁ ପିତ୍ତ ଚଢିଗଲା। କିନ୍ତୁ କ'ଣ କରିବି। କ୍ରୋଧକୁ ଚାପି ଦୁଃଖମନରେ ବାହାରକୁ ଆସି ଅଫିସ ପିଅନ ପାଖରେ ଛିଡା ହେଲି ।

ଯେଉଁମାନଙ୍କ ସରକାରୀ ଅଫିସରେ ବିଲ ପାସ କରେଇବା କାମର ଅଭିଜ୍ଞତା ଥିବ ସେମାନେ ଜାଣିଥିବେ ଅଫିସ ପିଅନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ପିଅନକୁ ପଚାରିଲି, ସାର୍ ଏବେ ତ ଗଲେ ପୁଣି ଲଞ୍ଚ ସାରି କେତେବେଳ ଫେରିବେ ? ସେ ଗୋଟେ ବିଦ୍ରୁପର ହସ ଫିଙ୍ଗି କହିଲେ ବାବୁଙ୍କର ଅଫିସ ଯିବା ଆସିବାରେ ଟାଇମ ନଥାଏ । ଏମିତିରେ ଆମ ସଂସ୍ଥା ବନ୍ଦ ହେବା ଉପରେ । କୋଉଦିନ ବିକ୍ରି ହେଇଯିବ ଜଣା ନାହିଁ । ଆଉ ଏ ସାର ହେଲେ ୟୁନିଅନ ନେତା। ଭିଆରଏସ୍ ହିସାବ ଛିଣ୍ଡୁନି ବୋଲି ତାଙ୍କୁ କୋଉ ଅଫିସର କିଛି କହିବା ପାଇଁ ଡ଼ରୁଛନ୍ତି। ସେ ତାଙ୍କ ସ୍ତ୍ରୀଙ୍କ ନାଁରେ ବେପାର ଚଳେଇଛନ୍ତି। ଏବେ ସେଇ କାମରେ ଗଲେ। ଫେରିବା କଥା ତାଙ୍କୁ ଫୋନ୍ କରି ପଚାରିବ। ମୁହଁ ଶୁଖେଇ ଫେରୁଛି ସେ ପଛରୁ ଡାକି ପଚାରିଲା, ଆପଣ କଣ ନୂଆ ବେପାର କରୁଛନ୍ତି? ମହାଦେବଙ୍କ ଦର୍ଶନ ପାଇଁ ପ୍ରଥମେ ନନ୍ଦୀକୁ ମୁଣ୍ଡିଆ ମାରିବାକୁ ହୁଏ ବୋଲି କ'ଣ ଜାଣିନାହାଁନ୍ତି ?

ସବୁ ଶୁଣିବା ପରେ ମୁଁ ମନେ ମନେ ଭାବୁଥାଏ ପିଲାଟି ଦିନରୁ ତ ଆମେ ଦେଶଭକ୍ତି ଉପରେ ରଚନା ଲେଖି ଆସୁଛୁ। କୋଉ ଦେଶ ବଦଳିଲା ନା ଆମେ। ଦେଶ ତା' ବାଟରେ ଆମେ ଆମ ବାଟରେ ଆଉ ଭକ୍ତି... ସେଇଟା ଗାନ୍ଧୀଙ୍କ ତିନି ମାଙ୍କଡ଼ । କିଛି ଦେଖିବୁନି, କିଛି ଶୁଣିବୁନି କି କିଛି କହିବୁନି । ଏବେ ଦେଶଭକ୍ତି ବୋଇଲେ 'ଆଇ ଲଭ ଇଣ୍ଡିଆ' ସେଲ୍ଫି ଷ୍ଟାଣ୍ଡ ପାଖରେ ଫୋଟ ଉଠେଇ ସାମାଜିକ ଗଣ ମାଧ୍ୟମରେ ଛାଡିବା କିମ୍ବା ନିଜ ପ୍ରୋଫାଇଲ ଫୋଟରେ 'ଆଇ ଲଭ ଇଣ୍ଡିଆ' ଲେଖିବା ଭିତରେ ସୀମିତ। ଜନସାଧାରଣଙ୍କ ଭିତରେ ଦେଶପ୍ରେମ ଜାଗ୍ରତ କରିବାକୁ ସରକାର ଏବେ ପ୍ରତି ସହରରେ ଏହି 'ଆଇ ଲଭ' ସେଲ୍ଫି ଷ୍ଟାଣ୍ଡ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଯାହା ଶୁଣୁଛୁ ଦେଶରେ ବୃଦ୍ଧାଶ୍ରମର ଅହେତୁକ ବୃଦ୍ଧିରେ ଚିନ୍ତିତ ସରକାର 'ଆଇ ଲଭ୍ ଇଣ୍ଡିଆ' ଭଳି ଆଗକୁ ପ୍ରତି ଛକରେ 'ଆଇ ଲଭ ମାଇଁ ମଦର' ସେଲ୍ଫି ଷ୍ଟାଣ୍ଡ ତିଆରି କରିବାକୁ ଯୋଜନା କରୁଛନ୍ତି । ଛାଡ଼ନ୍ତୁ ସେ ସବୁ, ଏବେ ଚାରିଆଡେ ଖାଲି ଘଡ଼ଘଡି । ବର୍ଷା ଆଦୌ ନାହିଁ । ଶୁଖିଲା ଘଡ଼ଘଡିରେ କ'ଣ କେବେ ଚାଷ ହେଲାଣି !!

ଯାହା ବୁଝିଲି ବର୍ତ୍ତମାନ ଦେଶଭକ୍ତିର ବଡ଼ ବଡ଼ ଭାଷଣ ଦେଉଥିବା ଅଧିକାରୀ ଜଣଙ୍କ ବିନା ନେଣଦେଣରେ ବିଲ ପାସ୍ କରିବା ଲୋକ ନୁହନ୍ତି । ଉପରେ ପୁଣି ଏ ସରକାରୀ ସଂସ୍ଥା ଏବେ ଦେବାଳିଆ । ଖଟ ଖାଇ ଖଟୁଲିକୁ ଖାଇସାରିଲେଣି । ଯଦି ସତକୁ ସତ କେବେ ବନ୍ଦ ହୋଇଯାଏ ତେବେ ମୋ ଭେଳା ବୁଡିବ। ସେହିସମୟରେ ମୋ କାନ ପାଖରେ ଦିବ୍ୟବାଣୀ ହେଲା – ଯାହାଙ୍କ ପ୍ରତି ରକ୍ତକଣା ଦେଶଭକ୍ତିରେ ଉବୁଟୁବୁ ହେଉଛି ସେଭଳି ଲୋକକୁ ଯଦି ନିଜ ସୁବିଧା ପାଇଁ କିଛି ଆର୍ଥିକ ସାହାଯ୍ୟ କରାଯାଏ ତେବେ ତାହା ନିଷ୍କ୍ରିୟ ଦେଶଭକ୍ତମାନଙ୍କ ପରୋକ୍ଷରେ ଦେଶ ସେବା ଭାବେ ଗ୍ରହଣୀୟ ହେବ ।

*–ବନମାଳୀ ଭବନ, ଖାନନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ନିଜ ଆଇନାରେ ନିଜେ

**ଡକ୍ଟର ନୃସିଂହ ଷଡ଼ଙ୍ଗୀ, ବିଦ୍ୟା ପ୍ରକାଶନ, ବାଲୁବଜାର କଟକ–୨, ମୂଲ୍ୟ–୨୦୦ଟଙ୍କା**


ନିଜ ଆଇନାରେ ନିଜେ ଡ଼କ୍ଟର ନୃସିଂହ ଷଡ଼ଙ୍ଗୀଙ୍କ କବିତା ପୁସ୍ତକ । ଏଥିରେ ୪୫ଟି କବିତା ସ୍ଥାନ ପାଇଛି। ସମୟର ପାଦଠାରୁ ଆରମ୍ଭ ହୋଇ ମୁଁ ମଣିଷ: ଶେଷ ଚିତ୍ରକରରେ ଶେଷ ହୋଇଛି। ବିଭୋର ବେଳାରୁ କବି ବିବର୍ତ୍ତିତ କକ୍ଷର ପଦାଙ୍କ ଅନୁସରଣ କରିଛନ୍ତି । ଯେଉଁ କବିତାଗୁଡିକ ସାଲିସ ବିହୀନ, ସମୟୋପଯୋଗୀ ଓ ଚିନ୍ତା ଉଦ୍ରେକକାରୀ। କବି କହୁଛନ୍ତି ସମସ୍ତେ ନିଜ ଚେହେରାକୁ ଆଇନାରେ ଦେଖିବାକୁ ଭଲ ପାଆନ୍ତି। ଯେଉଁଠି ବାସ୍ତବତାଠାରୁ ନିଜ ମୁହଁ ଓ ଦେହ ଦେଖାଯାଉଥିବ ପୁଲକିତ। ସାମ୍ନାର ଆଇନା ଓ ଭିତରର ଆଇନାରେ ମଣିଷ ଏକକ ଚରିତ୍ର । କବିତା ସମଗ୍ରର ଏହାହିଁ ପ୍ରତିଭାସ୍ୟ ଓ ଭାଗ୍ୟବେଦୀ। ପୁସ୍ତକଟିରୁ ଯେଉଁ କବିତା ପଢନ୍ତୁ ମଣିଷ ଫରକ୍ ହେଉ କିମ୍ବା ସରଳ ନୁହେଁ ମୁହୂର୍ତ୍ତ ମୁହୂର୍ତ୍ତ କି ମରି ମରି ଆସୁଥିବା ଛାଇ ଯାହାକୁ ପଢିଲେ ପାଠକେ ବାନ୍ଧି ହୋଇଯିବେ। ପୁସ୍ତକଟିର ଭବିଷ୍ୟତ ଉଜ୍ଜ୍ୱଳ ।




### ଅସୁନ୍ଦରୀ ବାଘୁଣୀ ଓ ଅନ୍ୟାନ୍ୟ ଗଳ୍ପ

**ମାଧବୀ ପଟେଲ , ପ୍ରକାଶକ– କାବ୍ୟଲୋକ ଗ୍ୟାରେଜ ଛକ, ଲୁଇସ୍‌ରୋଡ, ଭୁବନେଶ୍ୱର–୨, ମୂଲ୍ୟ– ୧୬୦ଟଙ୍କା**


ଅସୁନ୍ଦରୀ ବାଘୁଣୀ ଓ ଅନ୍ୟାନ୍ୟ ଗଳ୍ପ ମାଧବୀ ପଟେଲଙ୍କ ପୁସ୍ତକ । ଏଥିରେ ୩୯ଟି ଗପ ସ୍ଥାନ ପାଇଛି। ଗଳ୍ପଗୁଡିକରେ ପ୍ରେମ, ତ୍ୟାଗ, ପ୍ରତିଶୋଧ, ସ୍ୱପ୍ନ, ଆଶ୍ୱାସନା, କର୍ତ୍ତବ୍ୟ, ଅନୁଭବ, ଆଶା ତଥା ସାମ୍ପ୍ରତିକ ସମସ୍ୟା, ନାରୀ ମନସ୍ତତ୍ତ୍ୱ, ସାମାଜିକ ପରିସ୍ଥିତି ଓ ପରିବେଶ ଇତ୍ୟାଦି ସମ୍ବେଦନଶୀଳତାର ଚିତ୍ର ଦୃଷ୍ଟିଗୋଚର ହୁଏ। ପ୍ରଥମ ଗପ ହେଉଛି ପ୍ରତିଶୋଧ । ସେ ଏଭଳି ଭାବରେ ଚରିତ୍ରକୁ ଚିତ୍ରଣ କରିଛନ୍ତି ତାହା ଚମତ୍କାର। ଲମ୍ବୋଦର ବାବୁଙ୍କ ସାନଭାଇ ରଞ୍ଜନ ତାଙ୍କ ବାହାଘର ବିଷୟରେ ଯେଉଁ ଘଟଣା ଘଟିଗଲା ସେ ବିଷୟରେ ଖୁବ୍ ସୁନ୍ଦର ଉପସ୍ଥାପନା କରିଛନ୍ତି ଲେଖିକା। ରଞ୍ଜନଙ୍କର ଫାଶିଲଗା ମୃତଦେହ ଫାର୍ମ ହାଉସ୍‌ର ଏକ ଗଛରେ ଝୁଲୁଥିଲା ତାହା ବାସ୍ତବରେ ହୃଦୟସ୍ପର୍ଶୀ। ତାଙ୍କ ଲେଖାଗୁଡିକ ସରଳ, ବୋଧଗମ୍ୟ, ଭାବମୟତା ତଥା ଆବେଗମୟତାରେ ପରିପୂର୍ଣ୍ଣ ; ଯାହା ପାଠକଙ୍କୁ ବିମୁଗ୍ଧ କରିବ ।



### ଗଣିତ ରାଜକୁମାର କାର୍ଲ ଫ୍ରେଡେରିକ୍ ଗାଉସ୍ ,

**ଇଂ. ମାୟାଧର ସ୍ୱାଇଁ, ପ୍ରକାଶକ– ଏବି ଆଗ୍ରୋଭେଟ୍ , ଭୁବନେଶ୍ୱର, ମୂଲ୍ୟ–୧୨୫ଟଙ୍କା**

ଗଣିତ ରାଜକୁମାର କାର୍ଲ ଫ୍ରେଡେରିକ୍ ଗାଉସ୍ ଜଣେ ବିଶିଷ୍ଟ ଜର୍ମାନୀ ଗଣିତଜ୍ଞ ଥିଲେ। ସେ ଗଣିତ ଓ ବିଜ୍ଞାନର ଅନେକ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ସଂଖ୍ୟାତତ୍ତ୍ୱ, ବୀଜଗଣିତ, ପରିସଂଖ୍ୟାନ, ବିଶ୍ଳେଷଣ, ଜ୍ୟାମିତି, ବିଜ୍ଞାନ, ଯାନ୍ତ୍ରିକ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ ଓ ଉପପାଦ୍ୟ ଆଦି କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଛି । ଗଣିତର ବହୁ କ୍ଷେତ୍ରରେ ତାଙ୍କର ଅତୁଳନୀୟ ପ୍ରଭାବ ରହିଛି । ଗଣିତ ଇତିହାସ ତାଙ୍କୁ ରାଜକୁମାର ଉପାଧି ଦେଇଛି । ପୁସ୍ତକରେ ଗାଉସ୍‌ଙ୍କ ଜୀବନୀ ସହିତ ଗଣିତ ଓ ବିଜ୍ଞାନ କ୍ଷେତ୍ରରେ ତାଙ୍କର ବିଭିନ୍ନ କୃତିକୁ ନେଇ ଆଲୋଚନା କରାଯାଇଛି। ଏଠାରେ ଗାଉସ୍‌ଙ୍କ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟକୁ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି । ପୁସ୍ତକଟି ଛାତ୍ରୀଛାତ୍ର ତଥା ଗଣିତ ପ୍ରେମୀ ଓ ସାଧାରଣ ଲୋକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା।



ବ୍ୟାକ୍ ପେଜ୍

# ୬୦ ବର୍ଷ ଶୋଇ ନ ଥିବା ବ୍ୟକ୍ତି



ଭିଏତ୍‌ନାମ୍‌ର ୮୦ ବର୍ଷୀୟ ଜଣେ କୃଷକ ହେଲେ ଥାଇ ଏନ୍‌ଗୋକ୍। ତାଙ୍କୁ ଯେତେବେଳେ ମାତ୍ର ୨୦ ବର୍ଷ ବୟସ ହୋଇଥିଲା, ସେତେବେଳେ ତାଙ୍କୁ ଭୀଷଣ ଜ୍ୱର ହେଲା। କିଛିଦିନ ଭିତରେ ଜ୍ୱର ସିନା ଠିକ୍ ହୋଇଗଲା, ହେଲେ ତାଙ୍କଠାରେ ଅନିଦ୍ରା ସମସ୍ୟା ଦେଖାଗଲା। ଥାଇ ଭାବିଲେ କିଛିଦିନ ଭିତରେ ଏହି ସମସ୍ୟା ଆପେ ଆପେ ଠିକ୍ ହୋଇଯିବ। କିନ୍ତୁ ସେମିତି କିଛି ବି ହେଲାନାହିଁ। ସେ ଦିନ ଯାକ ଅକ୍ଲାନ୍ତ ପରିଶ୍ରମ କରି ରାତିରେ ଶୋଇବାକୁ ଯେତେ ଚେଷ୍ଟାକଲେ ବି ତାଙ୍କୁ ନିଦ ଆସୁ ନ ଥିଲା। ସେମିତି ବିଛଣାରେ ପଡ଼ି ପଡ଼ି ରାତି ପାହିଯାଉଥିଲା। ନିଦ ହେବା ପାଇଁ ତାଙ୍କୁ ଯିଏ ଯାହା ଉପଚାର କହୁଥିଲେ, ସବୁ କିଛି ସେ କଲେ ବି କିଛି ବି ସୁଫଳ ମିଳୁ ନ ଥିଲା। ଏପରିକି ନିଶା ସେବନକଲେ ନିଦ ହୋଇଯିବ ଭାବି ସେ ତାକୁ ବି ଖାଇଲେ, ହେଲେ ତାହା ବି କିଛି କାମ ଦେଲାନାହିଁ। ଯା' ଭିତରେ ୬୦ ବର୍ଷ ହୋଇଗଲାଣି। ହେଲେ ଆଶ୍ଚର୍ଯ୍ୟର ବିଷୟ ଏତେ ବର୍ଷ ନ ଶୋଇ ବି ଥାଇ କେବେ ବି ହାଲିଆ ଅନୁଭବ କରିନାହାନ୍ତି କି ତାଙ୍କଠାରେ ଅନ୍ୟ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇ ନାହିଁ। ଏବେ ବି ସେ ଜଣେ ସାଧାରଣ ଲୋକଙ୍କ ଭଳି ତାଙ୍କର ସମସ୍ତ କାମ ସୁରୁଖୁରୁରେ କରିପାରୁଛନ୍ତି ; ଯାହାକି ଆଶ୍ଚର୍ଯ୍ୟର ବିଷୟ ପାଲଟିଛି ଥାଇଙ୍କ ପରିବାର ତଥା ପାଖ ପଡ଼ୋଶୀଙ୍କ ପାଇଁ।





# ବଡ଼ ପାଉଁରୁଟି

ଭିଏତ୍‌ନାମ୍‌ର ଆନ୍ ଜିଆଙ୍ଗ୍‌ଠାରେ ଏହି ପାଉଁରୁଟିର ରହିଛି ଖୁବ୍ ଚାହିଦା। ଏଠାରେ ରହୁଥିବା ଫାନ୍ ଥି ବାକ୍ ନାମକ ଜଣେ ମହିଳା ଏମିତି ଥରେ ଫୁର୍‌ସତ୍‌ରେ ନିଜ ପରିବାର ପାଇଁ ଏହି ପାଉଁରୁଟି ପ୍ରସ୍ତୁତ କରିଥିଲେ। ଘର ଲୋକଙ୍କୁ ପସନ୍ଦ ଆସିବାରୁ ସେ ଆଉ ଥରେ ଏହାକୁ ତିଆରି କରି ନିଜେ ଖାଇଲେ ଆଉ ପଡ଼ିଶା ଘରକୁ ବି ଦେଲେ। ଧୀରେ ଧୀରେ ଏହି ପାଉଁରୁଟିର ଖୁବ୍ ଚର୍ଚ୍ଚା ହେବାକୁ ଲାଗିଲା। ଉତ୍ତମ ସ୍ୱାଦ ସାଙ୍ଗକୁ ବଡ଼ ଆକାର ପାଇଁ ଏହାର ଲୋକପ୍ରିୟତା ବି ବଢ଼ିଚାଲିଲା। ଗ୍ରାହକ କିଣିବାକୁ ଇଚ୍ଛା କରିବାରୁ ଫାନ୍ ନିଜ ପରିବାର ଲୋକଙ୍କ ସହାୟତାରେ କ୍ରମେ ଏହି ପାଉଁରୁଟିର ବ୍ୟବସାୟ ଆରମ୍ଭ କରିଦେଲେ। ଫାନ୍‌ଙ୍କ ହାତ ତିଆରି ପ୍ରାୟ ୧ ମିଟର ଲମ୍ବା ବିଶିଷ୍ଟ ଏହି ପାଉଁରୁଟିର ଓଜନ ପାଖାପାଖି ୩ କି.ଗ୍ରା. ହୋଇଥାଏ, ଯାହାକୁ ଗ୍ରାହକ ପ୍ରାୟ ୫୦,୦୦୦ ଭିଏତ୍‌ନାମିଜ୍ ଡୋଙ୍ଗ୍ ବା ପ୍ରାୟ ୧୭୪ ଟଙ୍କା ଦେଇ କିଣିଥାନ୍ତି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ, ବେଳେବେଳେ ଫାନ୍ ଅଧ ମିଟର ଲମ୍ବ ବିଶିଷ୍ଟ ପାଉଁରୁଟି ବି ତିଆରି କରିଥାନ୍ତି। ସେ ପ୍ରସ୍ତୁତ କରୁଥିବା ପାଉଁରୁଟିର ଉପରି ଭାଗରେ ବଟର ଓ ରାଶିର ଏକ କୋଟ୍ ଦେଇଥାନ୍ତି ; ଯାହାକି ପାଉଁରୁଟିର ସ୍ୱାଦକୁ ଆହୁରି ବଢ଼ାଇ ଦେଇଥାଏ। ତେବେ ୨୦୧୮ରେ ଲାଇଫ୍‌ଷ୍ଟାଇଲ୍ ଓ ଏଣ୍ଟରଟେନ୍‌ମେଣ୍ଟ ୱେବ୍‌ସାଇଟ୍ 'ବ୍ରାଇଟ୍‌ସାଇଡ୍' ତରଫରୁ ବିଶ୍ୱର କେତେକ ଅଜବ ଖାଦ୍ୟକୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ ଏହି ପାଉଁରୁଟିର ନାଁ ମଧ୍ୟ ରହିଥିଲା। ବାସ୍, ତା'ପରଠୁ ଏହି ପାଉଁରୁଟିକୁ ନେଇ କେବଳ ଭିଏତ୍‌ନାମ୍‌ରେ ନୁହେଁ ଅନ୍ୟ ଦେଶରେ ବି ଖୁବ୍ ଚର୍ଚ୍ଚା ହେବାକୁ ଲାଗିଲା।



# କୁମ୍ଭୀର ସଙ୍ଗେ ବନ୍ଧୁତା

ଇଣ୍ଡୋନେସିଆର ବୋଣ୍ଟାଙ୍ଗ୍ ସିଟିର ୫୯ ବର୍ଷୀୟ ଜଣେ ମତ୍ସ୍ୟଜୀବୀ ହେଲେ ଅମ୍ବୋ। ମାଛ ଧରି ପରିବାର ପ୍ରତିପୋଷଣ କରିବା ହେଉଛି ତାଙ୍କ କାମ। ଆଜକୁ ପ୍ରାୟ ୨୬ ବର୍ଷ ତଳେ ଅମ୍ବୋ ନିଜ ଘର ନିକଟସ୍ଥ ଏକ ଲବଣାକ୍ତ ଜଳାଶୟକୁ ବୋଟ୍ ନେଇ ମାଛ ଧରିବାକୁ ଯାଇଥିବାବେଳେ ସେଠାରେ ତାଙ୍କର ଏକ କୁମ୍ଭୀର ସହ ଦେଖାହୋଇଥିଲା। ସେତେବେଳେ ଉକ୍ତ କୁମ୍ଭୀରଟିର ଲମ୍ବ ମାତ୍ର ୧ ମିଟର ଥିଲା। ଅମ୍ବୋକୁ ଦେଖି କୁମ୍ଭୀରଟି ତାଙ୍କ ବୋଟ୍ ନିକଟକୁ ଆସିବାରୁ ଅମ୍ବୋ ତାକୁ କିଛି ମାଛ ଖାଇବାକୁ ଦେଇ ସେଠାରୁ ଚାଲିଯାଇଥିଲେ। ମଝିରେ ମଝିରେ ଯେବେ ବି ଅମ୍ବୋ ସେହି କୁମ୍ଭୀରକୁ ଦେଖୁଥିଲେ ତାକୁ ଖାଇବାକୁ ଦେଉଥିଲେ। ଧୀରେ ଧୀରେ ସେମାନଙ୍କ ଭିତରେ ଯେମିତି ବନ୍ଧୁତା ସ୍ଥାପନା ହୋଇଗଲା। ସ୍ନେହରେ ଅମ୍ବୋ ସେହି କୁମ୍ଭୀରଟିକୁ ରିଜ୍‌କା ବୋଲି ଡାକୁଥିଲେ। କେହି କାହାକୁ ଦିନେ ନ ଦେଖିଲେ ଥୟ ଧରି ରହିପାରୁ ନ ଥିଲେ। ଯଦି କୌଣସି କାରଣବଶତଃ ଅମ୍ବୋ ରିଜ୍‌କାକୁ ଦେଖାକରିବାକୁ ଯାଇ ନ ପାରିଲେ ନିଜେ ରିଜ୍‌କା ଖୋଜି ଖୋଜି ଅମ୍ବୋଙ୍କ ଘର ଆଡ଼କୁ ଚାଲି ଆସୁଥିଲା। ଏହା ଦେଖି ଅମ୍ବୋଙ୍କ ଘର ଲୋକେ ତଥା ପାଖପଡ଼ୋଶୀ ପ୍ରଥମେ ଖୁବ୍ ଭୟ କରିଯାଉଥିଲେ। କିନ୍ତୁ ଅମ୍ବୋ ସେମାନଙ୍କୁ ବୁଝାଇଲେ, ମନରେ ଭୟ ନ ରଖି ଯଦି ସ୍ନେହରେ ରିଜ୍‌କାକୁ ଖାଇବାକୁ ଦେବ ତା'ହେଲେ ସେ କାହାରି କିଛି ବି କ୍ଷତି କରିବ ନାହିଁ। ବାସ୍, ସେବେଠାରୁ ଅମ୍ବୋ ଯେତେବେଳେ କୌଣସି କାମରେ କୁଆଡ଼େ ଯାଆନ୍ତି, ଅନୁପସ୍ଥିତିରେ ତାଙ୍କ ପରିବାର ଲୋକେ ହୁଅନ୍ତୁ କି ପାଖପଡ଼ୋଶୀ ରିଜ୍‌କାକୁ ଖାଇବାକୁ ଦେଇଥାନ୍ତି। ଏବେ ରିଜ୍‌କାର ଲମ୍ବ ପ୍ରାୟ ୪ ମିଟର ପାଖାପାଖି ହୋଇଗଲାଣି। ଏତେ ବଡ଼ କୁମ୍ଭୀରକୁ ଦେଖିବା ମାତ୍ରେ ହିଁ କେହି ବି ଡରିଯିବା ସ୍ୱାଭାବିକ। କିନ୍ତୁ ଅମ୍ବୋ ରିଜ୍‌କାର ଖୁବ୍ ନିକଟରେ ବସି ତାକୁ ସ୍ନେହରେ ଖାଇବାକୁ ଦେବା ତଥା ତା' ଶରୀରକୁ ଆଉଁଶିଦେବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।